PRGI. REGD. NO: ORORI/25/A2124

ନିର୍ଭୀକ ଆମ
# ସମବାୟ ସମ୍ବାଦ
NIRBHIKA AMA SAMABAYA SAMBAD

●Vol -1 ●Issue - 14 ●July 01 - 15, 2026 ●Bhubaneswar ●Rs. 5 ●Pages - 08 ●Fortnightly
●ଭାଗ-୧ ●ସଂଖ୍ୟା-୧୪ ● ଜୁଲାଇ ୦୧- ୧୫, ୨୦୨୬ ●ଭୁବନେଶ୍ୱର ●ମୂଲ୍ୟ ୫.୦୦ ଟଙ୍କା ●ପୃଷ୍ଠା ସଂଖ୍ୟା -୦୮ ●ପାକ୍ଷିକ

# ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ୫ମ ପ୍ରତିଷ୍ଠା ଦିବସର ଉଦ୍‌ଘାଟନୀ ଉତ୍ସବ





## ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକର ବିକାଶ, କୃଷକଙ୍କୁ ସମ୍ମାନ, ବୃକ୍ଷରୋପଣ ମାଧ୍ୟମରେ ସବୁଜ ସମବାୟ ସୃଷ୍ଟି, ସମବାୟ ପରିସରରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ, ଯୁବକ ଓ ମହିଳାମାନଙ୍କୁ ସଂଯୋଗ କରିବା ଲକ୍ଷ୍ୟ

**ଓଡ଼ିଶାର ପ୍ରତିଟି ପଞ୍ଚାୟତରେ ଗୋଟିଏ ଗୋଟିଏ କୃଷିରଣ ସମବାୟ ସମିତି / ଦୁଗ୍ଧ ସମବାୟ ସମିତି / ମତ୍ସ୍ୟ ସମବାୟ ସମିତି ଗଠନ**

**ନୂତନ ପିଢ଼ି ପାଇଁ ନୂଆ ସମବାୟ ଗଠନ, କୃତ୍ରିମ ବୁଦ୍ଧିମତା ଓ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଭଳି ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ଉକ୍ତ ଅଭିଯାନର ପ୍ରମୁଖ ଲକ୍ଷ୍ୟ**

**ପ୍ୟାକ୍‌ସ ଗୁଡ଼ିକୁ ଏମ୍-ପ୍ୟାକ୍ସରେ ପରିଣତ କରାଇ ଏହା ମାଧ୍ୟମରେ ବିଭିନ୍ନ ବ୍ୟବସାୟିକ ତଥା ଉତ୍ପାଦନକ୍ଷମ କାର୍ଯ୍ୟମାନ**

ଭୁବନେଶ୍ୱର (ସମବାୟ ସମ୍ବାଦ ବ୍ୟୁରୋ): ସମବାୟ ବିଭାଗ,ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ, ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ୫ମ ପ୍ରତିଷ୍ଠା ଦିବସର ଉଦ୍‌ଘାଟନୀ ଉତ୍ସବ ଭୁବନେଶ୍ୱରସ୍ଥିତ ସମବାୟ ଭବନ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ଦ୍ୱାରା ନୂତନ ଭାବରେ ପ୍ରତିଷ୍ଠିତ ସମବାୟ ମନ୍ତ୍ରଣାଳୟର ପାଞ୍ଚ ବର୍ଷ ପୂର୍ତ୍ତି ଅବସରରେ ଜନସାଧାରଣଙ୍କୁ ସମବାୟ ଆନ୍ଦୋଳନ ସହ ଯୋଡ଼ିବା ପାଇଁ ତା୨୯/୦୬/୨୦୨୬ ରିଖ ଠାରୁ ୦୬/୦୭/୨୦୨୬ରିଖ ପର୍ଯ୍ୟନ୍ତ ଭାରତ ସରକାର ସମବାୟ ବିଭାଗର ସୁଫଳକୁ ଦେଶର ପ୍ରତିଟି ପ୍ରାନ୍ତରରେ ପହଞ୍ଚାଇବା ନିମନ୍ତେ ଏକ ବୃହତ ଅଭିଯାନ ଆରମ୍ଭ କରିଛନ୍ତି । ଏହି ଅଭିଯାନର ଲକ୍ଷ୍ୟ ହେଉଛି ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକର ବିକାଶ , କୃଷକଙ୍କୁ ସମ୍ମାନ, ବୃକ୍ଷରୋପଣ ମାଧ୍ୟମରେ ସବୁଜ ସମବାୟ ସୃଷ୍ଟି, ସମବାୟ ପରିସରରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ, ଯୁବକ ଓ ମହିଳାମାନଙ୍କୁ ସଂଯୋଗ କରିବା, ନୂତନ ପିଢ଼ି ପାଇଁ ନୂଆ ସମବାୟ ଗଠନ, କୃତ୍ରିମ ବୁଦ୍ଧିମତା ଓ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଭଳି ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ଉକ୍ତ ଅଭିଯାନର ପ୍ରମୁଖ ଲକ୍ଷ୍ୟ ରହିଛି ।

ଏହି ଉଦ୍‌ଘାଟନୀ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଶ୍ରୀଯୁକ୍ତ ପ୍ରଦିପ ବଳସାମନ୍ତ, ମାନ୍ୟବର ମନ୍ତ୍ରୀ, ସମବାୟ,ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର । ସର୍ବପ୍ରଥମେ ମାନନୀୟ ସମବାୟ ମନ୍ତ୍ରୀ ସମବାୟ ଭବନ ପରିସରରେ ସମବାୟ ପତାକା ଉତ୍ତୋଳନ କରିଥିଲେ । ଏହାପରେ ସମବାୟ ଭବନଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ମାନନୀୟ ସମବାୟ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦିପ ବଳ ସାମନ୍ତ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ସମ୍ମାନିତ ଅତିଥି ଭାବରେ ଓଡ଼ିଶା ସମବାୟ ସମିତି ସମୂହର ନିବନ୍ଧକ,ଶ୍ରୀଯୁକ୍ତ ମନୀଷ ଅଗ୍ରୱାଲ, ଆଇ.ଏ.ଏସ୍, ଅନ୍ୟତମ ସମ୍ମାନିତ ଅତିଥିଭାବରେ ନିର୍ଦ୍ଦେଶକ, କୃଷି ବିପଣନ ଏବଂ ମେମ୍ବର ସେକ୍ରେଟାରୀ,ଓସ୍‌ମା ବୋର୍ଡ ଶ୍ରୀଯୁକ୍ତ କେ.ସୁଦର୍ଶନ ଚକ୍ରବର୍ତ୍ତି, ଆଇ.ଏ.ଏସ ଯୋଗଦାନ କରିଥିଲେ ଏବଂ ସଭାପତିତ୍ୱ କରିଥିଲେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନର ସଭାପତି ସୁଶ୍ରୀ ପ୍ରବାସିନୀ ଷଡଙ୍ଗୀ । ମାନନୀୟ ସମବାୟ ମନ୍ତ୍ରୀ ତାଙ୍କ ଅଭି ଭାଷଣରେ କହିଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କର ଦୂର ଦୃଷ୍ଟି ଚିନ୍ତାଧାରା ସମବାୟରୁ ସମୃଦ୍ଧି ଅଭିଯାନକୁ ରାଜ୍ୟରେ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ସମସ୍ତ ପ୍ରୟାସ କରିବା ସହିତ ଏହି ଅଭିଯାନକୁ ଫଳପ୍ରଦ କରିବା ପାଇଁ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି । ଓଡ଼ିଶାର ପ୍ରତିଟି ପଞ୍ଚାୟତରେ ଗୋଟିଏ ଗୋଟିଏ କୃଷିରଣ ସମବାୟ ସମିତି / ଦୁଗ୍ଧ ସମବାୟ ସମିତି / ମତ୍ସ୍ୟ ସମବାୟ ସମିତି ଗଠନ ହେବା ପ୍ରକ୍ରିୟା ଜାରି ରହିଛି । ପ୍ୟାକ୍‌ସ ଗୁଡ଼ିକୁ ଏମ୍-ପ୍ୟାକ୍ସରେ ପରିଣତ କରାଇ ଏହା ମାଧ୍ୟମରେ ବିଭିନ୍ନ ବ୍ୟବସାୟିକ ତଥା ଉତ୍ପାଦନକ୍ଷମ କାର୍ଯ୍ୟମାନ ହାତକୁ ନିଆଯାଇଛି । ଜାତୀୟ ସମବାୟ ନୀତି-୨୦୨୫ ସହିତ ସମନ୍ୱୟ ରଖି ଓଡ଼ିଶା ସମବାୟ ନୀତି-୨୦୨୬ ପ୍ରସ୍ତୁତ ହୋଇଛି । ସମବାୟ ସମିତି ସମୂହର ନିବନ୍ଧକ ଶ୍ରୀଯୁକ୍ତ ମନୀଷ୍ ଅଗ୍ରୱାଲ ତାଙ୍କ ଅଭିଭାଷଣରେ କହିଥିଲେ ଯେ ସମବାୟ ଅନୁଷ୍ଠାନ ଗୁଡିକୁ କିପରି ଲାଭାନ୍ୱିତ ସଂସ୍ଥାରେ ପହଞ୍ଚା ଯାଇପାରିବ ତାହା ଉପରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ରୂପେ ଯୋଗଦାନ କରି ଓଡ଼ିଶାର କୃଷି ବିପଣନ ନିର୍ଦ୍ଦେଶକ ତଥା ଓସ୍‌ମା ବୋର୍ଡର ମେମ୍ବର ସେକ୍ରେଟାରୀ ଶ୍ରୀଯୁକ୍ତ କେ.ସୁଦର୍ଶନ ଚକ୍ରବର୍ତ୍ତି କହିଥିଲେ ଯେ ଓଡ଼ିଶାର ସମବାୟ ଆନ୍ଦୋଳନକୁ ଆଜି ଅଧିକରୁ ଅଧିକ କ୍ରିୟାଶୀଳ କରିବା ପାଇଁ ଭିତ୍ତିଭୂମିର ବିକାଶ ଏକାନ୍ତ ଆବଶ୍ୟକ । ଏଥି ନିମନ୍ତେ ସମବାୟ ବିଭାଗ ତରଫରୁ ଦୁଇବର୍ଷ ଧରି ଭିତ୍ତିଭୂମିର ବିକାଶ କାର୍ଯ୍ୟକୁ ଅଧିକରୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏହି ଉତ୍ସବରେ ସଭାପତିତ୍ୱ କରୁଥିବା ୟୁନିୟନର ସଭାପତି ସୁଶ୍ରୀ ପ୍ରବାସିନୀ ଷଡଙ୍ଗୀ କହିଥିଲେ ଯେ ଏଭଳି ଏକ ମହତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବକୁ ୟୁନିୟନକୁ ପ୍ରଦାନ କରାଯାଇଥିବାରୁ ସେ ସମବାୟ ମନ୍ତ୍ରୀ, ସମବାୟ ସଚିବ ଓ ସମବାୟ ସମିତି ସମୂହର ନିବନ୍ଧକଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଉଦ୍‌ଘାଟନୀ ସଭା ଅବସରରେ ୟୁନିୟନ ଦ୍ୱାରା ପ୍ରକାଶିତ ସମବାୟ ସମାଚାରର ସ୍ୱତନ୍ତ୍ର ସଂଖ୍ୟା ଓ ସମବାୟ ସର୍କୁଲାର ପୁସ୍ତକକୁ ମାନ୍ୟବର ସମବାୟ ମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ ।

ଉକ୍ତ ଉଦ୍‌ଘାଟନୀ ସଭାର ବିଭିନ୍ନ ଦାୟିତ୍ୱ ଓ କାର୍ଯ୍ୟରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନର ପରିଚାଳନା ପରିଷଦ ସଦସ୍ୟ ଶ୍ରୀ ରଂଜନ କୁମାର ଦାସ, ସମ୍ପାଦକ ଶ୍ରୀମତୀ ସୁନିତା ପତି, ଓ.ଏସ୍.ଡି ଶ୍ରୀ ବ୍ରହ୍ମାନନ୍ଦ ପରିଡା ପ୍ରମୁଖ ସହଯୋଗ କରିଥିଲେ । ଏହି ଉତ୍ସବରେ ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଉଷାରାଣୀ ଦାସ, ଅତିରିକ୍ତ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ସଚିବ ତଥା ବିତ୍ତ ପରାମର୍ଶ ଦାତା ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର ସାହୁ, ଅତିରିକ୍ତ ନିବନ୍ଧକ ଶ୍ରୀ ଭକ୍ତବନ୍ଧୁ ସାହୁ, ଅତିରିକ୍ତ ନିବନ୍ଧକ ଶ୍ରୀମତୀ ରୋଜାଲିନ ସେନାପତି, ଅତିରିକ୍ତ ମହାସମୀକ୍ଷକ ଶ୍ରୀମତୀ ସୁନିତା ଶତପଥି, ଅନ୍ୟାନ୍ୟ ପ୍ରମୁଖ ସମବାୟ ଅଧିକାରୀ, ବିଭିନ୍ନ ସମବାୟ ସଂସ୍ଥାର ପରିଚାଳନା ପରିଷଦ ସଦସ୍ୟ, କର୍ମଚାରୀ, ସଭ୍ୟ, ସମବାୟବିତ ପ୍ରମୁଖ ଯୋଗଦାନ କରିଥିଲେ । ସର୍ବଶେଷରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନର ସମ୍ପାଦକ ଶ୍ରୀମତୀ ସୁନୀତା ପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୁଲାଇ ୪ତାରିଖରେ ପଶ୍ଚିମ ଓଡିଶାକୁ ଆସିବେ ଅମିତ୍ ଶାହ

ଭୁବନେଶ୍ୱର:କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ ଆସନ୍ତା ଜୁଲାଇ ୪ତାରିଖରେ ଦୁଇଦିନିଆ ପଶ୍ଚିମଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି ବୋଲି ବରଗଡ଼ ବିଜେପି ସାଂସଦ ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି। । ସୂଚନା ଅନୁଯାୟୀ ଜୁଲାଇ ୪ତାରିଖରେ ଗୃହମନ୍ତ୍ରୀ ଅମିତ୍ ଶାହ ସ୍ୱତନ୍ତ୍ର ବିମାନରେ ଝାରସୁଗୁଡ଼ା ବିମାନବନ୍ଦରରେ ପହଂଚିବେ। ସେଠାରୁ ସିଧାସଳଖ ବରଗଡ଼ ଯାଇ କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନରେ ନିର୍ମିତ ଏକ ବୃହତ୍ ଇଥାନଲ୍ ରିଫାଇନାରୀ ପ୍ରକଳ୍ପର ଉଦଘାଟନ କରିବେ ।ବରଗଡ଼ରେ କାର୍ଯ୍ୟକ୍ରମ ସରିବା ପରେ ସନ୍ଧ୍ୟାରେ ସମ୍ବଲପୁର ଫେରି ସେଠାରେ ରାତ୍ରିଯାପନ କରିବେ। ୫ତାରିଖରେ ସମ୍ବଲପୁରରେ ବିଶାଳ ଜନସଭାରେ ଯୋଗ ଦେଇ ସାଧାରଣ ଲୋକଙ୍କୁ ସମ୍ବୋଧିତ କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ ଘାଟନ କରିବେ ବୋଲି ଜଣାପଡ଼ିଛି ।ଏହି ଗସ୍ତ ସମୟରେ ସେ ବିଜେପି ନେତାମାନଙ୍କୁ ଭେଟି ସାଂଗଠନିକ ପ୍ରସଙ୍ଗରେ ଆଲୋଚନା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।ଏସବୁ କାର୍ଯ୍ୟକ୍ରମ ପରେ କେନ୍ଦ୍ରମନ୍ତ୍ରୀ ସେଠାରୁ ଦିଲ୍ଲୀ ଫେରିଯିବେ ବୋଲି ସୂଚନା ମିଳିଛି।



## ମାନଗୋବିନ୍ଦ ବାରିକଙ୍କ ଗ୍ରାଚ୍ୟୁଇଟି ମାମଲାରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କକୁ ବଡ଼ ଝଟକା

# ହାଇକୋର୍ଟରେ ରିଟ୍ ଅପିଲ୍ ଖାରଜ, "କଠୋର ଲୌହ ହସ୍ତରେ" ନିୟନ୍ତ୍ରଣ କରିବାକୁ କୋର୍ଟଙ୍କ କଡ଼ା ବାର୍ତ୍ତା

କଟକ: ଅବସରପ୍ରାପ୍ତ କର୍ମଚାରୀଙ୍କ ସାମ୍ବିଧାନିକ ଓ ବୈଧ ଅଧିକାର ସୁରକ୍ଷା ଦିଗରେ ଓଡ଼ିଶା ହାଇକୋର୍ଟ ପୁଣି ଏକ ଐତିହାସିକ ରାୟ ଦେଇଛନ୍ତି । ମନଗୋବିନ୍ଦ ବାରିକଙ୍କ ଗ୍ରାଚ୍ୟୁଇଟି ମାମଲାରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ (**OSCB**) ଦାଖଲ କରିଥିବା ରିଟ୍ ଅପିଲକୁ ହାଇକୋର୍ଟର ଡିଭିଜନ ବେଞ୍ଚ ଖାରଜ କରି ଏକକ ବିଚାରପତିଙ୍କ ରାୟକୁ ବଜାୟ ରଖିଛନ୍ତି ।

ଡିଭିଜନ ବେଞ୍ଚ ସ୍ପଷ୍ଟ କରିଛନ୍ତି ଯେ, କୌଣସି ନିଯୁକ୍ତି ଦାତା ଯଦି ଜାଣିଶୁଣି କର୍ମଚାରୀଙ୍କ ବୈଧ ଗ୍ରାଚ୍ୟୁଇଟି ଅଟକାଇ ରଖନ୍ତି, ତେବେ ସେପରି ନିଯୁକ୍ତି ଦାତାଙ୍କୁ "କଠୋର ଲୌହ ହସ୍ତରେ (**Stern Iron Hand**)" ନିୟନ୍ତ୍ରଣ କରିବା ଆବଶ୍ୟକ । ଏହି ମନ୍ତବ୍ୟ କେବଳ ଓଏସସିବି ପାଇଁ ନୁହେଁ, ସମସ୍ତ ନିଯୁକ୍ତି ଦାତାଙ୍କ ପାଇଁ ଏକ କଡ଼ା ସତର୍କବାଣୀ ବୋଲି ଆଇନ ବିଶେଷଜ୍ଞମାନେ ମତ ଦେଉଛନ୍ତି ।

ପୂର୍ବରୁ ଆଦେଶ ହୋଇଥିବା ୨୦,୦୦୦ ମକଦ୍ଦମା ଖର୍ଚ୍ଚ ବୃଦ୍ଧି କରିବାକୁ ଚାହୁଁଥିଲେ କୋର୍ଟ

ଡିଭିଜନ ବେଞ୍ଚ ରାୟରେ କହିଛନ୍ତି ଯେ, **OSCB**ର ଆଚରଣ ଏପରି ଥିଲା ଯେ ଏକକ ବିଚାରପତି ଧାର୍ଯ୍ୟ କରିଥିବା ୨୦,୦୦୦ ମକଦ୍ଦମା ଖର୍ଚ୍ଚକୁ ଆହୁରି ବୃଦ୍ଧି କରାଯାଇ ପାରିଥାନ୍ତା । କିନ୍ତୁ ମାନଗୋବିନ୍ଦ ବାରିକ ଏହା ପୂର୍ବରୁ ଗ୍ରାଚ୍ୟୁଇଟି ସହ ସୁଧ ପାଇସାରିଥିବାରୁ, କୋର୍ଟ ଖର୍ଚ୍ଚ ବୃଦ୍ଧି କରିନଥିଲେ । ତେଣୁ ଏକକ ବିଚାରପତିଙ୍କ ଧାର୍ଯ୍ୟ କରାଯାଇଥିବା ୨୦,୦୦୦ ଖର୍ଚ୍ଚ ବଜାୟ ରହିଲା ।

ମ୍ୟାନେଜିଂ ଡାଇରେକ୍ଟରଙ୍କ ବିରୋଧରେ ଅବମାନନା ମାମଲା ଜାରି ରହିବ

ଗ୍ରାଚ୍ୟୁଇଟି ଓ ସୁଧ ପ୍ରଦାନ କରାଯାଇଥିଲେ ମଧ୍ୟ, ଏକକ ବିଚାରପତି ଧାର୍ଯ୍ୟ କରିଥିବା ୨୦,୦୦୦ ଖର୍ଚ୍ଚ ଆଜି ପର୍ଯ୍ୟନ୍ତ କର୍ମଚାରୀଙ୍କୁ ପ୍ରଦାନ କରାଯାଇ ନ ଥିବା କାରଣରୁ ଓଏସସିବି ର ପରିଚାଳନା ନିର୍ଦ୍ଦେଶକ ମନୀଷ ଅଗ୍ରୱାଲଙ୍କ ବିରୋଧରେ ଦାଖଲ ହୋଇଥିବା ଅବମାନନା ମାମଲା ମାନ୍ୟବର ବିଚାରପତି ସଞ୍ଜୟ କୁମାର ମିଶ୍ରଙ୍କ ଖଣ୍ଡପୀଠରେ ଜାରି ରହିବ ।

ଏହା ସ୍ପଷ୍ଟ କରୁଛି ଯେ, କୋର୍ଟଙ୍କ ଆଦେଶକୁ ଅବମାନନା କରିବା କିମ୍ବା ପାଳନ ନ କରିବାକୁ ନ୍ୟାୟବ୍ୟବସ୍ଥା କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦେବ ନାହିଁ ।

**OSCB**ର ଆଇନଜୀବୀଙ୍କ ବିରୋଧରେ ଏକକ ବିଚାରପତିଙ୍କ ମନ୍ତବ୍ୟ ମଧ୍ୟ ବଜାୟ

ଡିଭିଜନ ବେଞ୍ଚ ଏକକ ବିଚାରପତିଙ୍କ ରାୟରେ **OSCB** ପକ୍ଷରୁ ହାଜର ହୋଇଥିବା ଆଇନଜୀବୀଙ୍କ ବିରୋଧରେ କରାଯାଇଥିବା ମନ୍ତବ୍ୟରେ ମଧ୍ୟ କୌଣସି ହସ୍ତକ୍ଷେପ କରିନାହାନ୍ତି । ଫଳରେ ସେହି ସମସ୍ତ ପର୍ଯ୍ୟବେକ୍ଷଣ ଅବିକଳ ଭାବେ ବଜାୟ ରହିଛି ।

ସମବାୟ ବ୍ୟାଙ୍କଗୁଡ଼ିକ ପାଇଁ କଡ଼ା ବାର୍ତ୍ତା

ଏହି ରାୟ କେବଳ ମାନଗୋବିନ୍ଦ ବାରିକଙ୍କ ବ୍ୟକ୍ତିଗତ ବିଜୟ ନୁହେଁ । ଏହା ଓଡ଼ିଶାର ସମସ୍ତ ସମବାୟ ବ୍ୟାଙ୍କ ଓ ଅନ୍ୟ ନିଯୁକ୍ତିଦାତାଙ୍କ ପାଇଁ ଏକ ସ୍ପଷ୍ଟ ସନ୍ଦେଶ— ଗ୍ରାଚ୍ୟୁଇଟି କୌଣସି ଦୟା କିମ୍ବା ଅନୁଗ୍ରହ ନୁହେଁ; ଏହା କର୍ମଚାରୀଙ୍କ ବୈଧ ଓ ସାମ୍ବିଧାନିକ ଅଧିକାର । ଏହାକୁ ଅଟକାଇ ରଖିବା, ଅନାବଶ୍ୟକ ମକଦ୍ଦମା ଲଢ଼ିବା କିମ୍ବା କୋର୍ଟଙ୍କ ଆଦେଶକୁ ଅବହେଳା କରିବାକୁ ହାଇକୋର୍ଟ କଠୋର ଭାବେ ଦେଖୁଛନ୍ତି ।

ଏହି ଐତିହାସିକ ରାୟ ପରେ ଗ୍ରାଚ୍ୟୁଇଟି ନେଇ ଅନାବଶ୍ୟକ ବିଳମ୍ବ କରୁଥିବା ନିଯୁକ୍ତିଦାତାଙ୍କ ପାଇଁ ନ୍ୟାୟାଳୟର ବାର୍ତ୍ତା ସ୍ପଷ୍ଟ—ଆଇନର ଶାସନ ସର୍ବୋପରି, ଏବଂ କର୍ମଚାରୀଙ୍କ ବୈଧ ଅଧିକାରକୁ ଦମନ କରୁଥିବା ସଂସ୍ଥାମାନଙ୍କୁ "କଠୋର ଲୌହ ହସ୍ତରେ" ମୁକାବିଲା କରାଯିବ ।



## ଓଡ଼ିଶା ରାଜ୍ୟ ସମବାୟ ୟୁନିଅନରେ ନିଆରା ରଜ ମହୋତ୍ସବ-୨୦୨୬

# ନାରୀ ସଶକ୍ତିକରଣ ଓ ଓଡ଼ିଆ ସଂସ୍କୃତିର ଅନନ୍ୟ ସମନ୍ୱୟ



ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ ଆନୁକୂଲ୍ୟରେ ରଜ ମହୋତ୍ସବ–୨୦୨୬ ମହା ଆଡମ୍ବର ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି । ସମବାୟ ଶିକ୍ଷା, ତାଲିମ, ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଆସୁଥିବା ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ ଏଥର ଓଡ଼ିଆ ସଂସ୍କୃତି, ଭାଇଚାରା ଓ ଅସ୍ମିତାକୁ ଆଗକୁ ନେବା ପାଇଁ ଏକ ନୂତନ ଓ ଅଭିନବ ପ୍ରୟାସ ଭାବେ ରଜ ମହୋତ୍ସବର ଆୟୋଜନ କରିଥିଲା ।ଏହି ଅବସରରେ ୟୁନିଅନ ପକ୍ଷରୁ ନାରୀ ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରାଯାଇଥିଲା । ରଜ ମହୋତ୍ସବ ମାଧ୍ୟମରେ ସମବାୟ ଆନ୍ଦୋଳନରେ ମହିଳାଙ୍କ ସକ୍ରିୟ ଭୂମିକା ଓ ନେତୃତ୍ୱକୁ ସମ୍ମାନ ଜଣାଇ ଏକ ନୂଆ ଅଧ୍ୟାୟର ସୂଚନା ଦିଆଯାଇଥିଲା । ଏହି ମହୋତ୍ସବକୁ ସଫଳ ରୂପାୟନ କରିବାରେ ଓଡ଼ିଶା ରାଜ୍ୟ ସମବାୟ ୟୁନିଅନର ସଭାପତି ଶ୍ରୀମତୀ ପ୍ରଭାସିନୀ ଷଡ଼ଙ୍ଗୀଙ୍କ ଭୂମିକା ପ୍ରଶଂସନୀୟ ରହିଥିଲା ।କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରଜ ଗୀତ, ଏକକ ଓ ଗୋଷ୍ଠୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ । ଏଥିସହ ମହିଳା ଓ ଛାତ୍ରଛାତ୍ରୀଙ୍କ ପାଇଁ ମ୍ୟୁଜିକ୍ ଚେୟାର ଭଳି ମନୋରଞ୍ଜନାତ୍ମକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାମାନଙ୍କୁ ଚୟନ କରାଯାଇଛି । ଆସନ୍ତା ଜୁଲାଇ ୪ ତାରିଖରେ ପାଳିତ ହେବାକୁ ଥିବା ଅନ୍ତର୍ଜାତୀୟ ସମବାୟ ଦିବସ ଅବସରରେ ସେମାନଙ୍କୁ ପୁରସ୍କୃତ କରାଯିବ ।ଏହି ରଜ ମହୋତ୍ସବରେ ସମବାୟ ୟୁନିଅନ ପରିଚାଳନା ପରିଷଦର ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ଦାସ, ସଦସ୍ୟା ସଂଯୁକ୍ତା ପ୍ରଧାନ, ମାର୍କଫେଡ୍ ଅଧ୍ୟକ୍ଷା କବିତା ମଞ୍ଜରୀ ପରିଡ଼ା, ମହିଳା ବିକାଶ ସମବାୟ ନିଗମ ଅଧ୍ୟକ୍ଷା ସ୍ୱାଧୀନବାଳା ଦାସ, ନିବନ୍ଧକ ସମବାୟ ସମିତି ସମୂହ କାର୍ଯ୍ୟାଳୟର ସମବାୟ ଅଧିକାରୀ ସ୍ୱାତୀବାଳା ମହାପାତ୍ର, ସମ୍ପାଦିକା ସୁନୀତା ପତି, ଉପ-ସମ୍ପାଦକ ଚିନ୍ମୟୀ ଚାରୁଦର୍ଶିନୀ, ଏସ୍. ଡି. ବ୍ରହ୍ମାନନ୍ଦ ପରିଡ଼ା, ସମ୍ପାଦକ ଧର୍ମେନ୍ଦ୍ର କୁମାର ସାବତ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ବିଭିନ୍ନ ସମବାୟ ଅନୁଷ୍ଠାନର ମହିଳା କର୍ମଚାରୀ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିଥିଲା ।







# କର୍ଣ୍ଣାଟକ ରେଜିଷ୍ଟ୍ରାର୍ ଅଫ୍ କୋଅପରେଟିଭ୍ ସୋସାଇଟିଜ୍ (RCS) ଙ୍କ ସ୍ପଷ୍ଟୀକରଣ: ୧୦ ବର୍ଷରୁ ଅଧିକ କାର୍ଯ୍ୟକାଳ ପାଇଁ DCCB ଡାଇରେକ୍ଟରମାନଙ୍କୁ ଅଯୋଗ୍ୟ ଘୋଷଣା କରିବାର କ୍ଷମତା ନାହିଁ

ବାଙ୍ଗାଲୋର: କର୍ଣ୍ଣାଟକ ସମବାୟ ବିଭାଗ ସ୍ପଷ୍ଟ କରିଛି ଯେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ୍ (DCCB) ର ଡାଇରେକ୍ଟରମାନଙ୍କୁ ବ୍ୟାଙ୍କିଙ୍ଗ୍ ରେଗୁଲେସନ୍ ଆକ୍ଟ, ୧୯୪୯ ଅନୁଯାୟୀ ୧୦ ବର୍ଷରୁ ଅଧିକ କାର୍ଯ୍ୟକାଳ ପାଇଁ ଅଯୋଗ୍ୟ ଘୋଷଣା କରିବାର କ୍ଷମତା ରେଜିଷ୍ଟ୍ରାର୍ ଅଫ୍ କୋଅପରେଟିଭ୍ ସୋସାଇଟିଜ୍ (RCS) ଙ୍କୁ ପ୍ରତ୍ୟାୟିତ ହୋଇନାହିଁ । ଏହି ସ୍ପଷ୍ଟୀକରଣ ପରେ ଦୁଇଟି DCCB ର ଡାଇରେକ୍ଟରମାନଙ୍କ ବିରୋଧରେ ଥିବା ଅଭିଯୋଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ସମ୍ଭବ ନୁହେଁ ବୋଲି ଜଣାପଡ଼ିଛି ।

ଏହି ପ୍ରସଙ୍ଗ ବ୍ୟାଙ୍କିଙ୍ଗ୍ ଲ-ଅଜ୍ (ସଂଶୋଧନ) ଆକ୍ଟ, ୨୦୨୫ ଦ୍ୱାରା ପରିଚିତ କରାଯାଇଥିବା ଟେନ୍ୟୁର୍ (କାର୍ଯ୍ୟକାଳ) ସୀମା ସମ୍ବନ୍ଧୀୟ ଅଭିଯୋଗ ପରେ ଉଠିଥିଲା । ଅଭିଯୋଗ ଥିଲା ଯେ ଦୁଇଟି ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଡାଇରେକ୍ଟରମାନେ ୧୦ ବର୍ଷରୁ ଅଧିକ ସମୟ ଧରି ବୋର୍ଡରେ ରହିଛନ୍ତି ।

ଘଟଣାର କ୍ରମ

ଅଭିଯୋଗକାରୀଙ୍କୁ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (RBI) ଜଣାଇଥିଲା ଯେ ଏହି ପ୍ରସଙ୍ଗକୁ NABARD ର କର୍ଣ୍ଣାଟକ ଆଞ୍ଚଳିକ କାର୍ଯ୍ୟାଳୟକୁ ପଠାଯାଇଛି । NABARD ପରେ କର୍ଣ୍ଣାଟକ RCS ଙ୍କୁ ପତ୍ର ଲେଖି ଅଭିଯୋଗର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଥିଲା ।

କିନ୍ତୁ କର୍ଣ୍ଣାଟକ ସମବାୟ ବିଭାଗ RCS ଙ୍କୁ ଜଣାଇଛି ଯେ ବ୍ୟାଙ୍କିଙ୍ଗ୍ ରେଗୁଲେସନ୍ ଆକ୍ଟ ଅନୁଯାୟୀ ଡାଇରେକ୍ଟରମାନଙ୍କୁ ଅଯୋଗ୍ୟ ଘୋଷଣା କରିବାର କ୍ଷମତା RCS ଙ୍କୁ ପ୍ରତ୍ୟାୟିତ ହୋଇନାହିଁ । ବିଭାଗ ସୁପ୍ରିମ୍ କୋର୍ଟର ପଣ୍ଡୁରଙ୍ଗ୍ ଗଣପତି ଚୌଗୁଲେ ବନାମ୍ ବିଶ୍ୱାସରାଓ୍ ପାଟିଲ୍ ମୁର୍ଗୁଡ୍ ସମବାୟ ବ୍ୟାଙ୍କ୍ ଲିମିଟେଡ୍ ରାୟର ଉଲ୍ଲେଖ କରି କହିଛି ଯେ ବ୍ୟାଙ୍କିଙ୍ଗ୍ ନିୟନ୍ତ୍ରଣ କେନ୍ଦ୍ର ସରକାରର ଅଧୀନତାରେ ପଡ଼େ । ରାଜ୍ୟ ସରକାରଙ୍କୁ ଏହି ଆକ୍ଟର କେତେକ ଧାରା ପ୍ରୟୋଗ କରିବାର କ୍ଷମତା ପ୍ରତ୍ୟାୟିତ ହୋଇନାହିଁ ।

ବିଭାଗର ଯୁକ୍ତି

- ସମ୍ପୃକ୍ତ ଡାଇରେକ୍ଟରମାନେ କର୍ଣ୍ଣାଟକ କୋଅପରେଟିଭ୍ ସୋସାଇଟିଜ୍ ଆକ୍ଟ, ୧୯୫୯ ଏବଂ ନିୟମାବଳୀ, ୧୯୬୦ ଅନୁଯାୟୀ ନିର୍ବାଚିତ ହୋଇଥିଲେ ।
- ରାଜ୍ୟ ସମବାୟ ଆଇନ୍ ଅନୁଯାୟୀ ନିର୍ବାଚନ ସମୟରେ ଯଦି କୌଣସି ଅଯୋଗ୍ୟତା ଥିଲା ତେବେ ନିର୍ବାଚନ ଅଧିକାରୀମାନେ ବିଚାର କରିଥାନ୍ତେ । ଯେହେତୁ ସେମାନେ ରାଜ୍ୟ ଆଇନ୍ ଅନୁଯାୟୀ ଅଯୋଗ୍ୟ ନଥିଲେ, ସେମାନେ ବୋର୍ଡରେ ନିର୍ବାଚିତ ହୋଇଛନ୍ତି ।
- କର୍ଣ୍ଣାଟକ କୋଅପରେଟିଭ୍ ସୋସାଇଟିଜ୍ ଆକ୍ଟର ଧାରା ୨୯ସି ରେ ଡାଇରେକ୍ଟରମାନଙ୍କ ଅଯୋଗ୍ୟତା ସମ୍ବନ୍ଧୀୟ ବ୍ୟବସ୍ଥା ଅଛି, କିନ୍ତୁ ବ୍ୟାଙ୍କିଙ୍ଗ୍ ଆକ୍ଟର ଟେନ୍ୟୁର୍ ସମ୍ବନ୍ଧୀୟ ଧାରାଗୁଡ଼ିକୁ ଏଥିରେ ସ୍ୱତନ୍ତ୍ର ଭାବେ ଅନ୍ତର୍ଭୁକ୍ତ କରାଯାଇନାହିଁ ।
- ବ୍ୟାଙ୍କିଙ୍ଗ୍ ଆକ୍ଟ ଅନୁଯାୟୀ କ୍ଷମତା ପ୍ରତ୍ୟାୟିତ ନ ହେବା ଯୋଗୁଁ କେବଳ ୧୦ ବର୍ଷରୁ ଅଧିକ କାର୍ଯ୍ୟକାଳ ଆଧାରରେ କାର୍ଯ୍ୟାନୁଷ୍ଠାନ ନେବାର କୌଣସି ବ୍ୟବସ୍ଥା ନାହିଁ ।

ବିଭାଗ ଆହୁରି ଜଣାଇଛି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟା ୨୦୨୬ ଫେବୃଆରୀ ୨୭ ରେ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ବ୍ୟାଙ୍କିଙ୍ଗ୍ ଆକ୍ଟର ଧାରା ୧୦ଏ(୨ଏ)(୧) ଏବଂ ଧାରା ୫୬ ର ପ୍ରୟୋଗ ସମ୍ବନ୍ଧରେ ସ୍ପଷ୍ଟୀକରଣ ମାଗିଥିଲେ । ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳିନାହିଁ । ଏହି ସ୍ପଷ୍ଟୀକରଣ ନ ଆସିବା ପର୍ଯ୍ୟନ୍ତ ଏବଂ କ୍ଷମତା ପ୍ରତ୍ୟାୟିତ ନ ହେବା ଯୋଗୁଁ କୌଣସି କାର୍ଯ୍ୟାନୁଷ୍ଠାନ ନେବା ସମ୍ଭବ ନୁହେଁ ।

ଏହି ପ୍ରସଙ୍ଗ ସମବାୟ ବ୍ୟାଙ୍କ୍ ଗୁଡ଼ିକର ପରିଚାଳନା, ନିର୍ବାଚନ ଏବଂ କେନ୍ଦ୍ର-ରାଜ୍ୟ କ୍ଷମତା ବଣ୍ଟନ ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଶୀଘ୍ର ସ୍ପଷ୍ଟୀକରଣ ଆଶା କରାଯାଉଛି ଯାହା ଏହି ବିବାଦର ସମାଧାନ କରିପାରିବ ।

ଏହି ଘଟଣା ସମବାୟ ପ୍ରତିଷ୍ଠାନଗୁଡ଼ିକର ସ୍ୱାୟତ୍ତଶାସନ ଏବଂ ଆଇନଗତ ସୀମା ସମ୍ବନ୍ଧରେ ଆଲୋଚନାକୁ ଆନ୍ଦୋଳିତ କରିବ ବୋଲି ଆଶଙ୍କା କରାଯାଉଛି ।

# ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ୫ମ ପ୍ରତିଷ୍ଠା ଦିବସର ଉଦ୍‌ଘାଟନୀ ଉତ୍ସବରେ ଫଟୋର ଝଲକ୍



# ସମବାୟ ବିଭାଗର ଆଗାମୀ ଭବିଷ୍ୟତ

●ମୋନାଲିସା ଦାସ

'ସମବାୟ' ଶବ୍ଦର ଅର୍ଥ ହେଉଛି ସମସ୍ତଙ୍କର ସହଯୋଗ ମାଧ୍ୟମରେ ସମସ୍ତଙ୍କର ବିକାଶ। ସମବାୟର ମୂଳମନ୍ତ୍ର ହେଉଛି – 'ଜଣେ ସମସ୍ତଙ୍କ ପାଇଁ ଓ ସମସ୍ତେ ଜଣଙ୍କ ପାଇଁ'। ଏହି ଦର୍ଶନକୁ ଆଧାର କରି ଗଢ଼ିଉଠିଥିବା ସମବାୟ ବ୍ୟବସ୍ଥା ଭାରତର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ଦୀର୍ଘ ଦିନ ଧରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। କୃଷି, ଦୁଗ୍ଧ ଉତ୍ପାଦନ, ମତ୍ସ୍ୟଚାଷ, ବୟନଶିଳ୍ପ, କ୍ଷୁଦ୍ର ଉଦ୍ୟୋଗ, ଗ୍ରାମୀଣ ବ୍ୟାଙ୍କିଙ୍ଗ ଏବଂ ବିପଣନ କ୍ଷେତ୍ରରେ ସମବାୟ ସଂସ୍ଥାମାନେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନଜୀବିକାକୁ ସମୃଦ୍ଧ କରିଛନ୍ତି।

ଆଜିର ପରିବର୍ତ୍ତନଶୀଳ ଯୁଗରେ ଡିଜିଟାଲ୍ ପ୍ରଯୁକ୍ତି, ବୈଜ୍ଞାନିକ କୃଷି, ସ୍ୱଚ୍ଛ ପ୍ରଶାସନ ଏବଂ ନୂତନ ଆର୍ଥିକ ନୀତି ସମବାୟ କ୍ଷେତ୍ରକୁ ଏକ ନୂଆ ଦିଗ ଦେଇଛି। ତେଣୁ ସମବାୟ ବିଭାଗର ଆଗାମୀ ଭବିଷ୍ୟତ କେବଳ ଉଜ୍ଜ୍ୱଳ ନୁହେଁ, ବରଂ ଦେଶର ସାମଗ୍ରିକ ବିକାଶର ଏକ ପ୍ରମୁଖ ଆଧାର ହୋଇଉଠିବାର ସମ୍ଭାବନା ରହିଛି।

**ସମବାୟର ଗୁରୁତ୍ୱ**

ସମବାୟ ବ୍ୟବସ୍ଥାର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ଗଣତାନ୍ତ୍ରିକ ଚରିତ୍ର। ଏଠାରେ ପ୍ରତ୍ୟେକ ସଦସ୍ୟ ସମାନ ଅଧିକାର ପାଆନ୍ତି ଏବଂ ସଂସ୍ଥାର ଉନ୍ନତିରେ ସମସ୍ତଙ୍କ ଅବଦାନ ରହିଥାଏ। ଏହି ବ୍ୟବସ୍ଥା ଦୁର୍ବଳ, କ୍ଷୁଦ୍ର ଏବଂ ପ୍ରାନ୍ତିକ ବର୍ଗର ଲୋକମାନଙ୍କୁ ଆର୍ଥିକ ସୁରକ୍ଷା ଦେବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିଥାଏ। ବିଶେଷକରି କୃଷକମାନଙ୍କ ପାଇଁ ସମବାୟ ସମିତି ମାଧ୍ୟମରେ ସ୍ୱଳ୍ପ ସୁଧରେ ଋଣ, ସାର, ବିହନ, କୃଷି ଯନ୍ତ୍ରପାତି, ବୀମା ଏବଂ ବଜାର ସୁବିଧା ଉପଲବ୍ଧ ହୋଇଥାଏ। ଏହା କୃଷି ଉତ୍ପାଦନ ବଢ଼ାଇବା ସହ କୃଷକଙ୍କ ଆୟ ବୃଦ୍ଧିରେ ସହାୟକ ହୋଇଛି।

**ନୂତନ ଯୁଗରେ ସମବାୟର ଭୂମିକା**

ଡିଜିଟାଲ୍ ବିପ୍ଳବ ସହିତ ସମବାୟ ବିଭାଗ ମଧ୍ୟ ନିଜକୁ ଆଧୁନିକ କରୁଛି। କମ୍ପ୍ୟୁଟରୀକରଣ, ଅନଲାଇନ୍ ସଦସ୍ୟ ପଞ୍ଜୀକରଣ, ଡିଜିଟାଲ୍ ହିସାବରକ୍ଷଣ, ଅନଲାଇନ୍ ଋଣ ବଣ୍ଟନ, ମୋବାଇଲ୍ ବ୍ୟାଙ୍କିଙ୍ଗ ଏବଂ ଇ-ଗଭର୍ନାନ୍ସ ଭଳି ବ୍ୟବସ୍ଥା ସମବାୟ ସଂସ୍ଥାଗୁଡ଼ିକୁ ଅଧିକ ସ୍ୱଚ୍ଛ ଓ ଦକ୍ଷ କରୁଛି। ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତା (ଇଓ), ତଥ୍ୟ ବିଶ୍ଳେଷଣ, ଡିଜିଟାଲ୍ ପେମେଣ୍ଟ, ଇ-କମର୍ସ ଏବଂ ବ୍ଲକଚେନ୍ ପ୍ରଯୁକ୍ତିର ବ୍ୟବହାର ଦ୍ୱାରା ସମବାୟ ସଂସ୍ଥାମାନେ ଆହୁରି ଦ୍ରୁତ, ସୁରକ୍ଷିତ ଏବଂ ବିଶ୍ୱସନୀୟ ସେବା ପ୍ରଦାନ କରିପାରିବେ।

**କୃଷକ କଲ୍ୟାଣରେ ସମବାୟ**

ଭାରତ ଏକ କୃଷିପ୍ରଧାନ ଦେଶ। ତେଣୁ ସମବାୟ ବିଭାଗର ଭବିଷ୍ୟତ କୃଷକଙ୍କ ଉନ୍ନତି ସହ ସିଧାସଳଖ ଭାବେ ଜଡ଼ିତ। ଆଗାମୀ ଦିନରେ ସମବାୟ ସମିତି ମାଧ୍ୟମରେ ଉନ୍ନତମାନର ବିହନ, ଜୈବିକ ସାର, କୃଷି ଯନ୍ତ୍ର, କୋଲ୍ଡ ଷ୍ଟୋରେଜ୍, ଗୋଦାମ ସୁବିଧା, ଫସଲ ବୀମା ଏବଂ ଉଚିତ ବଜାର ବ୍ୟବସ୍ଥା ଅଧିକ ସୁଲଭ ହେବ।

କୃଷକ ଉତ୍ପାଦକ ସଂଗଠନ (FPO), ପ୍ରାଥମିକ କୃଷି ସମବାୟ ସମିତି (PACS) ଏବଂ ବହୁମୁଖୀ ସମବାୟ ସଂସ୍ଥା ମାଧ୍ୟମରେ ଗ୍ରାମୀଣ ଅର୍ଥନୀତି ଆହୁରି ସଶକ୍ତ ହେବ। କୃଷକମାନେ ମଧ୍ୟସ୍ଥଙ୍କ ଉପରେ ନିର୍ଭର ନରହି ସିଧାସଳଖ ବଜାର ସହ ସଂଯୁକ୍ତ ହୋଇ ଉତ୍ତମ ମୂଲ୍ୟ ପାଇପାରିବେ।

**ମହିଳା ଓ ଯୁବଶକ୍ତିର ସଶକ୍ତିକରଣ**

ସମବାୟ କ୍ଷେତ୍ରର ଭବିଷ୍ୟତ ମହିଳା ଏବଂ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ନିର୍ଭର କରେ। ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଦୁଗ୍ଧ ସମବାୟ, ହସ୍ତତନ୍ତ ଓ ହସ୍ତଶିଳ୍ପ ସମବାୟ ମାଧ୍ୟମରେ ମହିଳାମାନେ ଆର୍ଥିକ ସ୍ୱାଧୀନତା ହାସଲ କରୁଛନ୍ତି।

ସେହିପରି ଯୁବକ ଓ ଯୁବତୀମାନଙ୍କୁ କୃଷି-ଉଦ୍ୟୋଗ, ଖାଦ୍ୟ ପ୍ରକ୍ରିୟାକରଣ, ଡିଜିଟାଲ୍ ସେବା, ଷ୍ଟାର୍ଟଅପ୍ ଏବଂ ଗ୍ରାମୀଣ ଉଦ୍ୟମୀତା ସହ ଯୋଡ଼ିବାରେ ସମବାୟ ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହା ଦ୍ୱାରା ରୋଜଗାର ସୃଷ୍ଟି ହେବ ଏବଂ ଗ୍ରାମରୁ ସହରକୁ ପଳାୟନ କମିବ।

**ସ୍ୱଚ୍ଛତା ଓ ସୁଶାସନ**

ସମବାୟର ସଫଳତା ପାଇଁ ସ୍ୱଚ୍ଛ ପ୍ରଶାସନ, ନିୟମିତ ଅଡିଟ୍, ଦକ୍ଷ ପରିଚାଳନା ଏବଂ ଜବାବଦେହିତା ଅତ୍ୟନ୍ତ ଆବଶ୍ୟକ। ଆଗାମୀ ଦିନରେ ଡିଜିଟାଲ୍ ରେକର୍ଡ, ଅନଲାଇନ୍ ଅଡିଟ୍, ଇ-ଟେଣ୍ଡରିଂ ଏବଂ ସମୟୋପଯୋଗୀ ନିରୀକ୍ଷଣ ବ୍ୟବସ୍ଥା ଦ୍ୱାରା ସମବାୟ ସଂସ୍ଥାଗୁଡ଼ିକରେ ସ୍ୱଚ୍ଛତା ଓ ବିଶ୍ୱାସନୀୟତା ଆହୁରି ବୃଦ୍ଧି ପାଇବ। ସଦସ୍ୟମାନଙ୍କର ସକ୍ରିୟ ଅଂଶଗ୍ରହଣ, ନିୟମିତ ପ୍ରଶିକ୍ଷଣ ଏବଂ ଆଧୁନିକ ପରିଚାଳନା ପ୍ରଣାଳୀ ସମବାୟକୁ ଦୀର୍ଘସ୍ଥାୟୀ ସଫଳତା ଦେବ।

**ଗ୍ରାମୀଣ ବିକାଶରେ ଭୂମିକା**

ଗ୍ରାମର ବିକାଶ ବିନା ଦେଶର ବିକାଶ ସମ୍ଭବ ନୁହେଁ। ସମବାୟ ସଂସ୍ଥା ମାଧ୍ୟମରେ ଗ୍ରାମାଞ୍ଚଳରେ କ୍ଷୁଦ୍ର ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ଦୁଗ୍ଧ ଶିଳ୍ପ, ମତ୍ସ୍ୟଚାଷ, ପଶୁପାଳନ ଏବଂ ଗ୍ରାମୀଣ ବିପଣନର ବିକାଶ ସମ୍ଭବ। ଏହା ଦ୍ୱାରା ଗ୍ରାମରେ ରୋଜଗାର ବଢ଼ିବ, ଦାରିଦ୍ର୍ୟ ହ୍ରାସ ପାଇବ ଏବଂ ସନ୍ତୁଳିତ ଆର୍ଥିକ ବିକାଶ ହେବ।

**ଆହ୍ୱାନ ଓ ସମ୍ଭାବନା**

ଯଦିଓ ସମବାୟ କ୍ଷେତ୍ରରେ ବିପୁଳ ସମ୍ଭାବନା ରହିଛି, ତଥାପି କିଛି ଚ୍ୟାଲେଞ୍ଜ ମଧ୍ୟ ରହିଛି। ଆର୍ଥିକ ଶୃଙ୍ଖଳାର ଅଭାବ, ଦୁର୍ବଳ ପରିଚାଳନା, ପ୍ରଯୁକ୍ତିଗତ ପଛୁଆପଣ, ଜନସଚେତନତାର ଅଭାବ ଏବଂ କେତେକ କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପ ସମବାୟର ବିକାଶରେ ବାଧା ସୃଷ୍ଟି କରିପାରେ।

ଏହି ସମସ୍ୟାର ସମାଧାନ ପାଇଁ ନିୟମିତ ପ୍ରଶିକ୍ଷଣ, ପ୍ରଯୁକ୍ତିର ବ୍ୟାପକ ବ୍ୟବହାର, ସଦସ୍ୟମାନଙ୍କର ସଚେତନତା, ଦକ୍ଷ ନେତୃତ୍ୱ ଏବଂ ସରକାରୀ ସହଯୋଗ ଅତ୍ୟାବଶ୍ୟକ। ସମବାୟ ବିଭାଗର ଆଗାମୀ ଭବିଷ୍ୟତ ଆଶା, ସମ୍ଭାବନା ଓ ନବସୃଜନରେ ପରିପୂର୍ଣ୍ଣ। ଡିଜିଟାଲ୍ ପ୍ରଯୁକ୍ତି, ସ୍ୱଚ୍ଛ ପ୍ରଶାସନ, ଜନସହଭାଗିତା, ମହିଳା ଓ ଯୁବଶକ୍ତିର ସଶକ୍ତିକରଣ ଏବଂ କୃଷକ-କେନ୍ଦ୍ରିକ ଯୋଜନା ମାଧ୍ୟମରେ ସମବାୟ ଆନ୍ଦୋଳନ ଏକ ନୂତନ ଉଚ୍ଚତାରେ ପହଞ୍ଚିବ। 'ସହକାରରୁ ସମୃଦ୍ଧି' କେବଳ ଏକ ସ୍ଲୋଗାନ୍ ନୁହେଁ; ଏହା ଭାରତର ଗ୍ରାମୀଣ ଅର୍ଥନୀତି, କୃଷକ କଲ୍ୟାଣ ଏବଂ ସମାବେଶୀ ବିକାଶର ଏକ ସଶକ୍ତ ଦର୍ଶନ। ସରକାର, ସମବାୟ ସଂସ୍ଥା, କୃଷକ, ମହିଳା, ଯୁବପିଢ଼ି ଓ ସାଧାରଣ ଜନତାଙ୍କର ମିଳିତ ପ୍ରୟାସରେ ସମବାୟ ବିଭାଗ ଭବିଷ୍ୟତରେ ଦେଶର ଅର୍ଥନୈତିକ ଓ ସାମାଜିକ ବିକାଶର ଏକ ପ୍ରମୁଖ ସ୍ତମ୍ଭ ଭାବେ ପ୍ରତିଷ୍ଠିତ ହେବ। ସମବାୟର ଶକ୍ତି ହିଁ ଆତ୍ମନିର୍ଭର ଭାରତ ଏବଂ ସମୃଦ୍ଧ ଓଡ଼ିଶା ଗଠନର ଅନ୍ୟତମ ଆଧାର ହେବ।

# ଭାରତ ଓ ଫ୍ରାନ୍ସ ମଧ୍ୟରେ ବୃହତ ପ୍ରଯୁକ୍ତିବିଦ୍ୟା ଚୁକ୍ତି

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କ ମଧ୍ୟରେ ଫ୍ରାନ୍ସର ନିସ୍ ସହରରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବା ଥିଲା, ଯେଉଁଠାରେ କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ ଏବଂ ଆମେରିକା ଭଳି ବିଶ୍ୱର ପ୍ରମୁଖ ବିକଶିତ ଅର୍ଥନୀତିଗୁଡ଼ିକ ବିଶ୍ୱ ସ୍ତରୀୟ ଅର୍ଥନୀତି, ନିରାପତ୍ତା ଓ ଭୂ-ରାଜନୈତିକ ସମସ୍ୟା ଉପରେ ଆଲୋଚନା କରିଥାନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ଭାରତ ଓ ଫ୍ରାନ୍ସର ସମ୍ପର୍କ ଏକ ସ୍ୱତନ୍ତ୍ର ବିଶ୍ୱ ରଣନୈତିକ ସହଭାଗିତା ସ୍ତରକୁ ଉନ୍ନୀତ ହେବା ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ବୈଠକ ଥିଲା। ଏହି ଐତିହାସିକ ଆଲୋଚନାରୁ ଅନେକ ବଡ଼ ସଫଳତା ମିଳିଛି, ଯେଉଁଥିରେ ବର୍ତ୍ତମାନର ୧୬ ବିଲିୟନ ଡଲାର ଦ୍ୱିପାକ୍ଷିକ ବାଣିଜ୍ୟକୁ ଆଗାମୀ ୫ ବର୍ଷ ମଧ୍ୟରେ ଦୁଇଗୁଣ କରିବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି। ଏହା ସହିତ 'ଭାରତ-ଫ୍ରାନ୍ସ ନବସୃଜନ ରୋଡମ୍ୟାପ୍ ୨୦୩୦' ପ୍ରସ୍ତୁତ ହେବା ସହ ଆର୍ଥିକ ସୁରକ୍ଷା ସମ୍ପର୍କିତ ଆଲୋଚନା ଏବଂ ପ୍ରତିରକ୍ଷା ତଥା ମହାକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ବ୍ୟାପକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଦୁଇ ନେତା ଆର୍ଥିକ ଅଭିବୃଦ୍ଧି, ପ୍ରଯୁକ୍ତିବିଦ୍ୟା, ପ୍ରତିଭା ସ୍ଥାନାନ୍ତର ଏବଂ ସାଂସ୍କୃତିକ ଆଦାନପ୍ରଦାନ କ୍ଷେତ୍ରରେ ସମ୍ପର୍କକୁ ଅଧିକ ବ୍ୟାପକ କରିବା ପାଇଁ ନିଜର ସୁଚିନ୍ତିତ ମତାମତ ବାଣ୍ଟିଛନ୍ତି।



ତେବେ ଏହି ସମଗ୍ର ବୈଠକ ମଧ୍ୟରେ କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ପରିଚାଳନା ଓ ପ୍ରଶାସନ ପାଇଁ ଗଠନ କରାଯାଇଥିବା ଏକ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ ସବୁଠାରୁ ବେଶୀ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଏହି ପଦକ୍ଷେପ ଏଭଳି ଏକ ସମୟରେ ନିଆଯାଇଛି ଯାହା ଅତ୍ୟନ୍ତ ସାଙ୍କେତିକ ଅଟେ। ଏହାର କିଛି ଦିନ ପୂର୍ବରୁ ଆମେରିକାର ପ୍ରତିଷ୍ଠିତ କୃତ୍ରିମ ବୁଦ୍ଧିମତା ସଂସ୍ଥା 'ଆନ୍ଥ୍ରୋପିକ୍' ନିଜର ସବୁଠାରୁ ସାମର୍ଥ୍ୟବାନ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ମଡେଲ 'ଫେବୁଲ ୫' ଏବଂ 'ମିଥୋସ ୫'ର ବ୍ୟବହାରକୁ କେତେକ ନିର୍ଦ୍ଦିଷ୍ଟ ଦେଶ ପାଇଁ ହଠାତ୍ ବନ୍ଦ କରିଦେଇଥିଲା। ଆମେରିକାର ଜାତୀୟ ସୁରକ୍ଷା ଚିନ୍ତାକୁ ଦର୍ଶାଇ ଏହି ପଦକ୍ଷେପ ନିଆଯାଇଥିବା ବେଳେ ୱାଶିଂଟନ୍ ନିଜର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଠୋର ନକରିବା ପର୍ଯ୍ୟନ୍ତ ଏହି ପ୍ରତିବନ୍ଧକ କିଛି ସପ୍ତାହ ଧରି ଜାରି ରହିପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଯଦିଓ ବୈଠକରେ କୌଣସି ନେତା ସେହି ଆମେରିକୀୟ କମ୍ପାନୀର ନାମ ସ୍ପଷ୍ଟ ଭାବେ ନେଇନାହାନ୍ତି, ତେବେ ରାଷ୍ଟ୍ରପତି ମାକ୍ରୋନ କହିଛନ୍ତି ଯେ ଭାରତ ଏବଂ ଫ୍ରାନ୍ସ ପାରସ୍ପରିକ ବିଶ୍ୱାସ ଓ ସମ୍ମାନ ଆଧାରରେ ଏକ ସହଯୋଗୀ କୃତ୍ରିମ ବୁଦ୍ଧିମତା ବ୍ୟବସ୍ଥାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ବାର୍ତ୍ତାର ସ୍ପଷ୍ଟ ସଂକେତ ଥିଲା ଯେ ଯଦି ବିଶ୍ୱର ସବୁଠାରୁ ଶକ୍ତିଶାଳୀ କୃତ୍ରିମ ବୁଦ୍ଧିମତା ଉପକରଣକୁ ଆମେରିକାର ଗୋଟିଏ ନୀତିଗତ ନିଷ୍ପତ୍ତି ଯୋଗୁଁ ଗୋଟିଏ ରାତିରେ ବନ୍ଦ କରାଯାଇପାରୁଛି, ତେବେ ବାକି ବିଶ୍ୱ ପାଇଁ ଆମେରିକାର ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ସିଲିକନ୍ ଭ୍ୟାଲି ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ରହିବା ଆଦୌ ଉଚିତ ନୁହେଁ। ଏହି ସ୍ଥିତିକୁ ନେଇ ଭାରତର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରସିଦ୍ଧ ବୈଷୟିକ ସଂସ୍ଥା 'ଜୋହୋ'ର ପ୍ରତିଷ୍ଠାତା ଶ୍ରୀଧର ଭେମ୍ବୁ ଏହି ସଙ୍କଟ ଉପରେ ପ୍ରଥମେ ସତର୍କ ସୂଚନା ଜାରି କରି କହିଛନ୍ତି ଯେ ଏକବିଂଶ ଶତାବ୍ଦୀରେ ପ୍ରଯୁକ୍ତିବିଦ୍ୟା ହେଉଛି ସବୁଠାରୁ ବଡ଼ ଅସ୍ତ୍ର। ବର୍ତ୍ତମାନ କୌଣସି ଦେଶର ସାର୍ବଭୌମତ୍ୱ ଓ ସୁରକ୍ଷା ତାହାର ପ୍ରଯୁକ୍ତିବିଦ୍ୟା ଗତ ସାମର୍ଥ୍ୟଠାରୁ ଅଲଗା ହୋଇ ରହିପାରିବ ନାହିଁ। ଆମେରିକୀୟ କମ୍ପାନୀର ଏହି ନିଷ୍ପତ୍ତି କେବଳ ଏକ ସାଧାରଣ ବ୍ୟବସାୟିକ ନିଷ୍ପତ୍ତି ନୁହେଁ, ବରଂ ଏହା ଦର୍ଶାଉଛି ଯେ କୌଣସି ପ୍ରତିବନ୍ଧକ ନଥିବା ମୁକ୍ତ ଜଗତୀକରଣର ଯୁଗ ଏବେ ଶେଷ ହେବାକୁ ଯାଉଛି। କୌଣସି ବି ରାଷ୍ଟ୍ର ନିଜର ଭବିଷ୍ୟତକୁ ଏଭଳି ପ୍ରଯୁକ୍ତିବିଦ୍ୟା ଉପରେ ଗଢ଼ି ପାରିବ ନାହିଁ ଯାହା ଉପରେ ତାର ନିଜର କୌଣସି ନିୟନ୍ତ୍ରଣ ନାହିଁ। ଏହି ଦୁର୍ବଳତା କେବଳ ପ୍ରଯୁକ୍ତିବିଦ୍ୟା ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଆଇନଗତ କ୍ଷମତାର ଅପବ୍ୟବହାର ସହ ଜଡ଼ିତ। ବିଗତ ଦଶନ୍ଧିଗୁଡ଼ିକରେ ଜଗତୀକରଣକୁ ଏକ ସୀମାହୀନ ବ୍ୟବସ୍ଥା ଭାବେ ଦର୍ଶାଯାଇଥିଲା ଯେଉଁଠାରେ ତଥ୍ୟ ଓ ସଫ୍ଟୱେର୍ ମୁକ୍ତ ଭାବେ ଗତି କରିପାରିବ, କିନ୍ତୁ ଏହାର ପଛରେ ଥିବା ପିତା ସତ୍ୟ ହେଉଛି ଯେ ବିଶ୍ୱର ସବୁଠାରୁ ଉନ୍ନତ ସେମିକଣ୍ଡକ୍ଟର, କ୍ଲାଉଡ୍ ଭିତ୍ତିଭୂମି ଏବଂ ଆଇନଗତ ମାନ୍ୟତା କେବଳ କିଛି ସୀମିତ ଦେଶ ହାତରେ କେନ୍ଦ୍ରୀଭୂତ ହୋଇ ରହିଛି। ଏଭଳି ପରିସ୍ଥିତିରେ ଭାରତ ପାଇଁ କେବଳ ନିଜସ୍ୱ କୃତ୍ରିମ ବୁଦ୍ଧିମତା ମଡେଲ ତିଆରି କରିବା ଯଥେଷ୍ଟ ନୁହେଁ, ବରଂ ଏହାର ଆଇନଗତ ଅଧିକାରକୁ ମଧ୍ୟ ନିଜ ହାତରେ ରଖିବାକୁ ହେବ। ଆଗାମୀ ଦିନରେ ସବୁଠାରୁ ବଡ଼ ପ୍ରତିଯୋଗିତା ଏହା ହେବ ନାହିଁ ଯେ କିଏ ସବୁଠାରୁ ଶକ୍ତିଶାଳୀ ପ୍ରଯୁକ୍ତିବିଦ୍ୟା ତିଆରି କରୁଛି, ବରଂ ଏହା ହେବ ଯେ କାହା ପାଖରେ ଏହାକୁ ଗୋଟିଏ ସୁଇଚ୍ରେ ବନ୍ଦ କରିବାର ଆଇନଗତ ଅଧିକାର ରହିଛି। ଏହି କାରଣରୁ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ମାକ୍ରୋନଙ୍କ ମଧ୍ୟରେ ହୋଇଥିବା ଏହି ସହଯୋଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା କୃତ୍ରିମ ବୁଦ୍ଧିମତାକୁ କେବଳ କିଛି ସୀମିତ ଶକ୍ତିଶାଳୀ ଦେଶ ବା କମ୍ପାନୀର ଏକଛତ୍ରବାଦୀ ଅଧିକାରରେ ରହିବାକୁ ନଦେଇ ଏକ ସାର୍ବଜନୀନ ଓ ମାନବ କେନ୍ଦ୍ରୀତ ପ୍ରଯୁକ୍ତିବିଦ୍ୟାରେ ପରିଣତ କରିବା ପାଇଁ ଏକ ପ୍ରାରମ୍ଭିକ ଓ ଦୃଢ଼ ପ୍ରୟାସ ଅଟେ, ଯାହା ଦ୍ୱାରା ବିଶ୍ୱର ବିକାଶଶୀଳ ଅର୍ଥନୀତିଗୁଡ଼ିକ ମଧ୍ୟ ସମାନ ଭାବେ ଉପକୃତ ହୋଇପାରିବେ।




# ରାଜ୍ୟ ଖବର



# ୮୦ ଜଣଙ୍କ ବଦଳି ତାଲିକାରେ କୋଟିଏ ଟଙ୍କାର ଖେଳ ? ଭକ୍ତ ବାବୁ ଦେବେ କି ଉତ୍ତର, ଭିଜିଲାନ୍ସ ତଦନ୍ତ ଦାବି


ଭୁବନେଶ୍ୱର:ସମବାୟ ବିଭାଗର ସମବାୟ ନିବନ୍ଧକ ଙ୍କ ପ୍ରକାଶିତ ପ୍ରାୟ ୮୦ ଜଣ କର୍ମଚାରୀଙ୍କ ବଦଳି ତାଲିକାକୁ ନେଇ ବିଭାଗୀୟ ମହଲରେ ଅନେକ ପ୍ରଶ୍ନ ଉଠିଛି। ବଦଳି ପାଇଁ କେଉଁ ନୀତି, କେଉଁ ମାପକାଠି ଏବଂ କେଉଁ ଆଧାରକୁ ଅନୁସରଣ କରାଯାଇଛି, ତାହା ସ୍ପଷ୍ଟ କରିବାକୁ ଦାବି ହେଉଛି। ସମ୍ପୃକ୍ତ ମହଲର ପ୍ରଶ୍ନ, କେତେକ ଅଧିକାରୀ ଓ କର୍ମଚାରୀ ଦୀର୍ଘ ବର୍ଷ ଧରି ଭୁବନେଶ୍ୱର, କଟକ ଓ ଖୋର୍ଦ୍ଧା ଭଳି ପସନ୍ଦର ସ୍ଥାନରେ ରହିଥିବା ବେଳେ ଅନ୍ୟମାନଙ୍କୁ ଦୂର ଜିଲ୍ଲାକୁ ପଠାଯାଇଛି। ଏହି ବଦଳି ପ୍ରକ୍ରିୟାରେ ସମାନ ନୀତି ପାଳନ ହୋଇଛି କି ନାହିଁ, ତାହା ଏବେ ରାଜଧାନୀ ରେ ଚର୍ଚ୍ଚାର ବିଷୟ ହୋଇଛି।ଉଦାହରଣ ସ୍ୱରୂପ, ନିହାରିକା ମଲ୍ଲିକ କଟକକୁ ପ୍ରାୟ ଏକ ବର୍ଷ ପୂର୍ବରୁ ଯାଇଥିବା ବେଳେ ପୁଣି ଭୁବନେଶ୍ୱରକୁ ଫେରିଛନ୍ତି। ତାଙ୍କର ପୂର୍ବରୁ ଭୁବନେଶ୍ୱରରେ ଦୀର୍ଘ ୧୧ ବର୍ଷ କାର୍ଯ୍ୟକାଳ ଥିବା କଥା ଆଲୋଚନା ହେଉଛି। ସେହିପରି ପ୍ରଭାସ ମଲ୍ଲିକ ପୁରୀରେ ମାତ୍ର ଏକ ବର୍ଷ ରହିବା ପରେ ଭୁବନେଶ୍ୱରକୁ ଫେରିଥିବା ବେଳେ ଖୋର୍ଦ୍ଧା ଓ କଟକରେ ମଧ୍ୟ ଦୀର୍ଘ କାର୍ଯ୍ୟକାଳ କଟାଇ ଥିବା ଚର୍ଚ୍ଚା ହେଉଛି। ଦିବ୍ୟ ରଞ୍ଜନ ପ୍ରଧାନ ୨୦୧୯ ମସିହାରୁ ଭୁବନେଶ୍ୱରରେ କାର୍ଯ୍ୟରତ ଥିବା ସତ୍ତ୍ୱେ ତାଙ୍କ ବଦଳି ନେଇ ମଧ୍ୟ ପ୍ରଶ୍ନ ଉଠିଛି।ଏପରି ଆହୁରି ୨୨ ଜଣ ଙ୍କ ମାମଲାର ତାଲିକା ସାମ୍ନାକୁ ଆସିବ ବୋଲି କୁହାଯାଉଛି। ସମ୍ପୃକ୍ତ ମହଲର ଅଭିଯୋଗ ଯେ, ବଦଳି ନୀତିର ସ୍ୱଚ୍ଛତା ଉପରେ ଗମ୍ଭୀର ପ୍ରଶ୍ନ ଉଠିଛି ଏବଂ ସମସ୍ତ ବଦଳି ଆଦେଶର ଆଧାର ସାର୍ବଜନୀନ କରାଯିବା ଉଚିତ। କେତେକ ମହଲରେ ଏହି ବଦଳି ତାଲିକାକୁ ନେଇ ଆର୍ଥିକ ଅନିୟମିତତାର ଅଭିଯୋଗ ଉଠିଛି । ଅଭିଯୋଗ ଗୁଡ଼ିକର ସତ୍ୟତା ଏବେ ଧୀରେ ଧୀରେ ସାମ୍ନା କୁ ଆସୁଛି । ତେଣୁ ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ଏକ ନିରପେକ୍ଷ ଭିଜିଲାନ୍ସ କିମ୍ବା ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହୋଇଛି।ବଦଳିର ମାପକାଠି କଣ ? କାହାକୁ କେଉଁ ଆଧାରରେ ଛାଡ଼ ଦିଆଗଲା ? ଏବଂ ସମସ୍ତଙ୍କ ପାଇଁ ସମାନ ନୀତି ଲାଗୁ ହୋଇଛି କି ?" — ଏହି ପ୍ରଶ୍ନର ଉତ୍ତର ସମ୍ପୃକ୍ତ ଭକ୍ତ ବନ୍ଧୁ ସାହୁ ସାର୍ବଜନୀନ ଭାବେ ଉତର ଦିଅନ୍ତୁ ବୋଲି ଦାବି ହୋଇଛି।



OFFICE OF THE REGISTRAR COOPERATIVE SOCIETIES, ODISHA, BHUBANESWAR
Order No. RCSO-FEI-FESST-0012-2026 / 10786 / Estt-II(2) / Date: 12/06/2026

The following Sub Assistant Registrar of Cooperative Societies working in different Division & Circle Offices are hereby transferred and posted to the offices as mentioned against their names.

| Sl No | Name of the SARCS | Present place of posting | Place to which transferred |
|---|---|---|---|
| 1 | Bhubaneswar Behera | O/o the HIRMC, Mukhiguda | Withdrawn from HIRMC, Mukhiguda and posted in the O/o the ARCS, Balasore against the existing vacancy. |
| 2 | Anand Kumar Soreng | O/o the ARCS, Padmapur | O/o the ARCS, Deogarh against the existing vacancy. |
| 3 | Binod Kumar Patel | O/o the ARCS, Sambalpur and attached to ARCS, Bonai | O/o the DRCS, Jharsuguda against the existing vacancy. |
| 4 | Nihar Ranjan Mishra | O/o the DRCS, Jajpur | O/o the ARCS, Keonjhar against the existing vacancy. |
| 5 | Dilleep Kumar Patra | O/o the DRCS, Baripada | O/o the ARCS, Keonjhar against Ramesh Chandra Das transferred. |
| 6 | Amiya Kumar Mallick | O/o the ARCS, Berhampur | O/o the DRCS, Dhenkanal against the existing vacancy. |
| 7 | Bijaya Kumar Swain | O/o the DRCS, Dhenkanal and attached to O/o the O.S.C.E.C., Bhubaneswar | Withdrawn from OSCEC and allowed to continue in the O/o the DRCS, Dhenkanal. |
| 8 | Gayatri Badaik | O/o the ARCS, Panposh | ARCS, Jharsuguda against the existing vacancy. |
| 9 | Richard Peter Beck | O/o the ARCS, Panposh | O/o the ARCS, Rairakhol against the existing vacancy. |
| 10 | Nityananda Dehury | O/o the ARCS, Anandapur | O/o the ARCS, Balasore against the existing vacancy. |
| 11 | Niharika Mallick | O/o the ARCS, Cuttack | ARCS, Bhubaneswar City against Puspanjali Mishra, SARCS transferred. |
| 12 | Dolamani Purohit | O/o the ARCS, Nuapada | O/o the ARCS Bargarh against Prafulla Kumar Mahananda, SARCS transferred. |
| 13 | Ajaya Kumar Rout | O/o the ARCS, Kendrapada | O/o the DRCS, Cuttack against Lopamudra Jena, SARCS transferred |
| 14 | Sidhartha Sekhar Mishra, SARCS | O/o the ARCS, Koraput | O/o the ARCS, Sonepur against the existing vacancy. |
| 15 | Puspanjali Barik | O/o the DRCS Angul | O/o the ARCS, Hindol against the existing vacancy. |
| 16 | Nihar Ranjan Shaw | O/o the DRCS, Balasore | O/o the DRCS, Keonjhar against Bimbadhar Naik, SARCS transferred. |



| | | | |
|---|---|---|---|
| 74 | Debadatta Tripathy | O/o the ARCS, Deogarh | O/o the DRCS, Puri against Jitendu Dash, SARCS transferred. |
| 75 | Hemant Kumar Naik | O/o the ARCS, Champua under order of transfer to O/o the ARCS, Bolangir. | Allowed to continue in the O/o the ARCS, Champua. |
| 76 | Sukuram Singh | O/o the ARCS, Kaptipada | O/o the ARCS, Deogarh against Debadatta Tripathy, SARCS transferred. |
| 77 | Sudarshan Bal | O/o the ARCS, Cuttack City and attached to O/o the RCS, Odisha | O/o the ARCS, Panposh & attached to the O/o the RCS, Odisha. |

2. The following SARCS are hereby allowed to work on deployment basis in the following offices mentioned against their name.

| Sl No | Name of the SARCS | Present place of posting | Place to which transferred |
|---|---|---|---|
| 1 | Smaraki Pattanaik | O/o the ARCS, Nayagarh | O/o the ARCS, Nayagarh & deployed to O/o the ARCS, Khordha |
| 2 | Jajnaseni Mishra | O/o the ARCS, Nayagarh | O/o the ARCS, Nayagarh & deployed to Directorate of Agricultural Marketing, Odisha, Bhubaneswar. |
| 3 | Prabhas Kumar Mallik | O/o the ARCS, Puri | O/o the ARCS, Puri & deployed to O/o the State Cooperative Election Commission, Bhubaneswar. |
| 4 | Sanjaya Kanhar | O/o the ARCS, Boudh & attached to O/o the ARCS, Puri | O/o the ARCS, Boudh & attached to O/o the RCS, Odisha and allowed to work in the Legal Section |

All the officers stand relieved from their duties of their respective establishment with effect from today i.e. on 12.06.2026 A.N. and are instructed to join in their respective place of posting immediately,

This order shall be implemented with immediate effect.

14/6/2026
Registrar,
Cooperative Societies, Odisha.

## ସମବାୟ ସମିତି ଦ୍ୱାରା ସାର ବଣ୍ଟନକୁ ପ୍ରୋତ୍ସାହନ: ୪୨ କୋଟିର ସୁଧ ରିହାତି ଯୋଜନା

ଭୁବନେଶ୍ୱର: ରାଜ୍ୟରେ ଚାଷୀମାନଙ୍କ ନିକଟରେ ଠିକ ଭାବେ ସାର ପହଞ୍ଚିବ। ଆଉ ହେବନି ବାଟମାରଣା। ବାଟମାରଣାକୁ ରୋକିବା ପାଇଁ ଏଣିକି ସମବାୟ ସମିତି ଦ୍ୱାରା ସାର ବଣ୍ଟନ କରାଯିବ। ଏ ନେଇ ରାଜ୍ୟ ସରକାର ୪୨ କୋଟିର ସୁଧ ରିହାତି ଯୋଜନାକୁ ମଞ୍ଜୁରି ପ୍ରଦାନ କରିଛନ୍ତି।

ରାଜ୍ୟର ଚାଷୀମାନଙ୍କୁ ଠିକ୍ ସମୟରେ ସାର ଉପଲବ୍ଧ କରାଇବା ଏବଂ ସେମାନଙ୍କୁ କଳାବଜାରିରୁ ରକ୍ଷା କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛତି ରାଜ୍ୟ ସରକାର। ସମବାୟ ବିଭାଗ ଦ୍ୱାରା ଚାଷୀମାନଙ୍କୁ ସର ବଣ୍ଟନ ପ୍ରକ୍ରିୟାକୁ ସହଜ ଓ କରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛତି । ସମବାୟ ବିଭାଗର କମିଶନର ତଥା ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ଥାୟୀ ଅର୍ଥିକ କମିଟିର ସୁପାରିସ ଆଧାରରେ ଏହି ନିଷ୍ପରି ନିଆଯାଇଛି। ଏହି ନୂତନ ରାଜ୍ୟ ଯୋଜନାର ନାମ 'ସାରର ପୂର୍ବ-ମହଜୁଦ ପାଇଁ କ୍ୟାସ୍ କ୍ରେଡିଟ୍ ଋଣ ଉପରେ ସୁଧ ରିହାତି' ରହିଛି । ଅର୍ଥ ବିଭାଗ ଚଳିତ ଆର୍ଥିକ ବର୍ଷରୁ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ଅନୁମୋଦନ ପ୍ରଦାନ କରିଛି । ଏହି ଯୋଜନା ଦ୍ୱାରା ସମବାୟ ସମିତିଗୁଡ଼ିକ (ପାକ୍ସ/ଲ୍ୟାମ୍ପସ) ଏକ ପ୍ରମୁଖ ଆର୍ଥିକ ସମସ୍ୟାର ସମାଧାନ ସାଜିବ। ସଧାରଣତଃ ଚାଷ ସମୟ ପୂର୍ବରୁ (ଅଗ୍ରୀମ ଭାବେ)ସାର ଆଣି ମହଜୁଦ ରଖିବା ଯୋଗୁଁ ସମିତିଗୁଡ଼ିକ ଉପରେ ମାତ୍ରାଧିକ ବୋଝ ପଡ଼ିଥାଏ । ଗ୍ୟାସ୍ କ୍ରେଡିଟ୍ ଋଣ ଉପରେ ୧୦୦% ସୁଧ ରିହାତି ପ୍ରଦାନ କରି ରାଜ୍ୟ ସରକାର ଏହି ଆର୍ଥିକ ବଧାକୁ ଦୂର କରୁଛନ୍ତି। ଯାହା ଦ୍ୱାରା ସମବାୟ ସମିତିଗୁଡ଼ିକ ପାଇଁ ସାରର ଅଗ୍ରୀମ ମହଜୁଦ ପ୍ରକ୍ରିୟା ସମ୍ପୂର୍ଣ ସୁଧମୁକ୍ତ ହୋଇପାରିବ।

ଏହି ଯୋଜନା ଦ୍ୱାରା ବେସରକାରୀ ଦୋକାନ ଦ୍ୱାରା ହେଉଥିବା ସାରର ବେଆଇନ ଚୋରା ଚାଲାଣକୁ ରୋକି ହେବ। ସେଥିପାଇଁ ସମବାୟ କ୍ଷେତ୍ର ମାଧ୍ୟମରେ ସାର ବଣ୍ଟନ ପରିମାଣକୁ ବର୍ତ୍ତମାନର ୨୫-୩୦%ରୁ ବୃଦ୍ଧି କରି ଖରିଫରେ ୬୦% ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ୫ ବର୍ଷ ଅବଧି (୨୦୨୬-୨୭ରୁ ୨୦୩୦-୩୧) ପାଇଁ ସର୍ବମୋଟ ୪୨ କୋଟି ଟଙ୍କାର ବଜେଟ୍ ମଞ୍ଜୁର କରାଯାଇଛି। ଯେଉଁଥିରେ ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରାରମ୍ଭିକ ଭାବେ ୫ କୋଟି ଟଙ୍କା ବଣ୍ଟନ କରାଯାଇଛି । ରାଜ୍ୟର ପ୍ରାୟ ୨,୭୦୦ ପ୍ରାଥମିକ କୃଷି ସମବାୟ ସମିତି ଏହି ଯୋଜନାରେ ସାମିଲ କରାଯିବ। ସେମାନଙ୍କର ଆବଶ୍ୟକତା ଆଧାରରେ କ୍ୟାଶ୍ କ୍ରେଡିଟ୍ ସୀମା ପ୍ରଦାନ କରାଯିବ। ଡିଜିଗଲ୍ ପେମେଣ୍ଟକୁ ପ୍ରୋତ୍ସାହନ ଦିଆଯିବ। ସାର ବିକ୍ରୟ ସମୟରେ ଛତା ବଜାୟ ରଖିବା ପାଇଁ ସରକାରଙ୍କ ପକ୍ଷରୁ କ୍ୟୁଆର୍ କୋଡ ମାଧ୍ୟମରେ କାରବାର କରିବାକୁ ପ୍ରୋସାହିତ କରାଯିବ।

## କୃଷି ସମବାୟ ସମିତି ସମ୍ପାଦକ ନିଲମ୍ବିତ

ରାଜନଗର: ରାଜନଗର ପ୍ରାଥମିକ କୃଷି ସମଦାୟ ସମିତିର ସମ୍ପାଦକ ଜ୍ଞାନ ରଞ୍ଜନ ନାୟକଙ୍କୁ ନିଲମ୍ବନ କରାଯାଇଛି । କେନ୍ଦ୍ରାପଡ଼ା ଆରସି ଏସ ଏହି ନିର୍ଦ୍ଦେଶ ଦେଇଛନ୍ତି। ନିଲମ୍ବନ ସମୟରେ ରାଜନଗରସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କରେ ଉପସ୍ଥିତ ରହିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଭାଟପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ନୀଳମଣି ପ୍ରଧାନଙ୍କୁ ରାଜନଗର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ଚାଷୀଙ୍କ ପ୍ରତି ଅବହେଳା, ଅନେକ

ସମୟରେ ଅଫିସ ନଆସିବା, ବାରମ୍ବାର ଫୋନ ଅଫ ରଖୁବା ଓ ସମୟ ପୂର୍ବରୁ ଅଡିଟ ନକରିବା, ଚାଷୀଙ୍କ ଠାରୁ ଧାନ କିଣାରେ ହେରଫେର ଆଦି ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ ରାଜନଗର ପ୍ରାଥମିକ କୃଷି ସେବା ସମଦାୟ ସମିତିରେ ଗତ ଦୁଇବର୍ଷ ହେଲା ଅଡିଟ ହୋଇନାହିଁ । ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ସମବାୟ ସମିତିରେ ଅନିଟ ହୋଇନାହିଁ । ବ୍ୟାଙ୍କ ସ୍ତରରେ ଅଡିଟ ପାଇଁ ବ୍ୟବସ୍ଥା କରାଗଲେ ମଧ୍ୟ ସମ୍ପାଦକ ସହଯୋଗ କଲେ ନାହିଁ । ଫଳରେ ଚଳିତ ବର୍ଷ ବ୍ୟାଙ୍କ ପକ୍ଷରୁ ସେବା ସମବାୟ ସମିତିକୁ ଉସିବ ଇସ୍ୟୁ ହୋଇନାହିଁ। ରାଜନଗର ସେବା ସମବାୟ ସମିତିରେ ୨୩୦୦ ଚାଷୀ ଥିବାବେଳେ ୧୮୦୦ ଚାଷୀ ଋଣ ନେଉଛନ୍ତି। ରସିବ ଇସ୍ୟୁ ନହେବା ଫଳରେ ଚଳିତ ବର୍ଷ ୧୮୦୦ ଚାଷୀଙ୍କର ସୁଧ ଛାଡ଼ ନେଇ ଆଶଙ୍କା ସୃଷ୍ଟି ହୋଇଛି ।

ଏସ୍ ସହିତ ଚଳିତ ବର୍ଷ ଧାନ କିଣାରେ ମଧ୍ୟ ଚାଷୀଙ୍କୁ ଶୋଷଣ କରାଯାଇଥିବା ଅଭିଯୋଗ ହୋଇଛି। ଉପର କ୍ରମରେ ଥିବା ଚାଷୀଙ୍କୁ ଟୋକାନ ଇସ୍ୟୁ ହୋଇ ନଥିବା ବେଳେ ଲିଷ୍ଟରେ ତଳେ ଥିବା ନାକ୍ଷୀଙ୍କୁ ଟୋକାନ ଇସ୍ୟୁ ହୋଇଥିଲା। ଏସହିତ କିଛି ଚାଷୀ ସମ୍ପାଦକଙ୍କ କଥାରେ ମିଲରେ ଧାନ ଦେଇଥିଲେ ମଧ୍ୟ ଆଜି ଯାଏଁ ଟଙ୍କା ପାଇନାହାନ୍ତି । ଚାଷୀ ଏନେଇ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏପରିକି କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା

ପରିଚାଳଳନ ସମ୍ପାଦକଙ୍କୁ ବାରମ୍ବାର ତାରିଦ କରିବା ପରେ ବି ସମ୍ପାଦକ କର୍ଷପାତ କରି ନଥିଲେ। ଏହାକୁ ନେଇ ବ୍ୟାଙ୍କ ପରିଚାଳକ କେନ୍ଦ୍ରାପଡ଼ା ଏଆରସିଏସଙ୍କୁ ଜଣାଇଥିଲେ।

ଚାଳନଗର ସମବାୟ ସମିତିର ସଭାପତିଙ୍କୁ ଅବଗତ କରିଥିଲେ । ୧୦ ଦିନ ମଧ୍ୟରେ ସମସ୍ୟା ସମାଧାନ ପାଇଁ ପତିଶ୍ରୁତି ଦେଇଥିଲେ ମଧ୍ୟ ସମ୍ପାଦକ ତାହାକୁ ଖାତିର କରି ନଥିଲେ ଶେଷରେ ଶୁକ୍ରବାର ରାଜନଗର କେନ୍ଦ୍ର ସମବାୟ ସମିତିର ସମ୍ପାଦକ ଜ୍ଞାନ ଗଞ୍ଜନ ନାୟକଙ୍କୁ କେନ୍ଦ୍ରାପଡ଼ା ଏଆରସିଏସ ନିଲମ୍ବନ କରିଛନ୍ତି।

## ଚାଷୀଙ୍କୁ ୪୨ କୋଟି ଟଙ୍କାର ସୁଦ୍ଧ ରିହାତି ଯୋଜନାକୁ ରାଜ୍ୟ ସରକାରଙ୍କ ମଞ୍ଜୁରୀ

ଭୁବନେଶ୍ୱର: ୪୨ କୋଟି ଟଙ୍କାର ସୁଦ୍ଧ ରିହାତି ଯୋଜନା ମଞ୍ଜୁର କଲେ ରାଜ୍ୟ ସରକାର। ରାଜ୍ୟର ଚାଷୀମାନଙ୍କୁ ସଠିକ୍ ସମୟରେ ସାର ଉପଲବ୍ଧ କରାଇବା ଏବଂ ସେମାନଙ୍କୁ କଳାବଜାରୀରୁ ରକ୍ଷା କରିବା ପାଇଁ ଏହା ଏକ ବଡ଼ ପଦକ୍ଷେପ । ସମବାୟ ବିଭାଗର କମିଶନର ତଥା ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ଥାୟୀ ଆର୍ଥିକ କମିଟି (SFC) ର ସୁପାରିଶ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ନୂତନ ଯୋଜନାର ନାମ ହେଉଛି—"ସାରର ପୂର୍ବ-ମହଜୁଦ (ପ୍ରି-ପୋଜିସନିଂ) ପାଇଁ କ୍ୟାଶ୍ କ୍ରେଡିଟ୍ ଋଣ ଉପରେ ସୁଦ୍ଧ ରିହାତି।" ଅର୍ଥ ବିଭାଗ ଚଳିତ ଆର୍ଥିକ ବର୍ଷରୁ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ଅନୁମୋଦନ ପ୍ରଦାନ କରିସାରିଛି। ଏହି ଯୋଜନା ସମବାୟ ସମିତିଗୁଡ଼ିକର (PACS/LAMPCS) ଏକ ପ୍ରମୁଖ ଆର୍ଥିକ ସମସ୍ୟାର ସମାଧାନ କରିବ। ସାଧାରଣତଃ ଚାଷ ସମୟ ପୂର୍ବରୁ (ଅଗ୍ରୀମ ଭାବେ) ସାର ଆଣି ମହଜୁଦ ରଖିବା ଯୋଗୁଁ ସମିତିଗୁଡ଼ିକ ଉପରେ ମାତ୍ରାଧିକ ସୁଦ୍ଧ ବୋଝ ପଡ଼ିଥାଏ। କ୍ୟାଶ୍ କ୍ରେଡିଟ୍ (CC) ଋଣ ଉପରେ ୧୦୦% ସୁଦ୍ଧ ରିହାତି ପ୍ରଦାନ କରି ରାଜ୍ୟ ସରକାର ଏହି ଆର୍ଥିକ ବାଧାକୁ ଦୂର କରୁଛନ୍ତି। ବେସରକାରୀ ଚ୍ୟାନେଲ ଦ୍ୱାରା ହେଉଥିବା ସାରର ବେଆଇନ ଚୋରା ଚାଲାଣକୁ ରୋକିବା ପାଇଁ, ସମବାୟ କ୍ଷେତ୍ର ମାଧ୍ୟମରେ ସାର ବଣ୍ଟନ ପରିମାଣକୁ ବର୍ତ୍ତମାନର ୨୫-୩୦% ରୁ ବୃଦ୍ଧି କରି ଖରିଫ ୨୦୨୬ ରୁ ୬୦% କୁ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି।ପାଞ୍ଚ ବର୍ଷ




ଅବଧି (୨୦୨୬-୨୭ ରୁ ୨୦୩୦-୩୧) ପାଇଁ ସର୍ବମୋଟ ୪୨.୦୦ କୋଟି ଟଙ୍କାର ବଜେଟ୍ ମଞ୍ଜୁର କରାଯାଇଛି, ଯେଉଁଥିରେ ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରାରମ୍ଭିକ ଭାବେ ୫.୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି।




# ସ୍ୱାସ୍ଥ୍ୟ ଖବର




## ମଣିଷ କାହିଁକି ନାଁ ଭୁଲିଯାଏ



ପ୍ରଥମ ଦେଖାରେ ଏହି ଦୁଇଟିଯାକ ସାଧାରଣ ଭୁଲିଯିବାର ଅଭ୍ୟାସ ପରି ମନେହୋଇପାରେ, କିନ୍ତୁ ବିଶେଷଜ୍ଞଙ୍କ କହିବାନୁସାରେ ଆମ ମଗଜରେ ଏହି ଦୁଇଟି ପାଇଁ ଅଲଗା ଅଲଗା ସିଷ୍ଟମ୍ ବା ପ୍ରଣାଳୀ କାମ କରିଥାଏ। ଏହି କାରଣରୁ କୌଣସି ଜଣାଶୁଣା ବ୍ୟକ୍ତିଙ୍କ ଚେହେରା ଚିହ୍ନିବା ପରେ ମଧ୍ୟ ତାଙ୍କ ନାଁ ମନେ ନ ପଡ଼ିବା ଏକ ସାଧାରଣ କଥା, ଯେବେକି କୌଣସି ନିକଟତର ବ୍ୟକ୍ତିଙ୍କ ଚେହେରା ହିଁ ଚିହ୍ନି ନ ପାରିବା ଅଧିକ ଗମ୍ଭୀର ସଙ୍କେତ ବୋଲି ଧରାଯାଏ। କଳ୍ପନା କରନ୍ତୁ ଯେ ଆପଣ କୌଣସି ଏକ ଉତ୍ସବକୁ ଗଲେ ଏବଂ ସାମ୍ନାରେ ଠିଆ ହୋଇଥିବା ବ୍ୟକ୍ତିଙ୍କୁ ଦେଖୁ ଦେଖୁ ଚିହ୍ନିଗଲେ, କିନ୍ତୁ ତାଙ୍କ ନାଁ ମନେ ପଡ଼ିଲାନି। ଏମିତି ପ୍ରାୟତଃ ଅନେକ ଲୋକଙ୍କ ସହ ହୋଇଥାଏ। ପ୍ରକୃତରେ, ନାଁ ମନେ ରଖିବା ଏବଂ ସଠିକ୍ ସମୟରେ ତାହାକୁ ମଗଜରୁ ବାହାର କରିବା ଭାଷା ଏବଂ ସ୍ମୃତି ସହ ଜଡ଼ିତ ନେଟୱର୍କ ଉପରେ ନିର୍ଭର କରେ। ଅନ୍ୟପଟେ ଚେହେରା ଚିହ୍ନିବା କାମଟି ମଗଜର ଏକ ସ୍ପେଶାଲ ଭିଜୁଆଲ୍ ରିକଗ୍ନିସନ୍ ନେଟୱର୍କ ଦ୍ୱାରା କରାଯାଇଥାଏ। ଏପୋକ ଏଲଡର୍ କେୟାରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ କୋ-ଫାଉଣ୍ଡର, ଡିମେନ୍ସିଆ ବିଶେଷଜ୍ଞ ତଥା କ୍ଲିନିକାଲ୍ ସାଇକୋଲୋଜିଷ୍ଟ ନେହା ସିହ୍ନାଙ୍କ ଅନୁଯାୟୀ, "କାହାର ନାଁ ଭୁଲିବା ଏବଂ କାହାର ଚେହେରା ଭୁଲିବା ଦେଖିବାକୁ ସମାନ ଲାଗିପାରେ, କିନ୍ତୁ ଏହା ପଛରେ କାମ କରୁଥିବା ବ୍ରେନ୍ ପାଥୱେ ସମ୍ପୂର୍ଣ୍ଣ ଅଲଗା ଅଟେ। ଏହା ଚିହ୍ନିବା ଏବଂ ମନେପକାଇବା ମଧ୍ୟରେ ଥିବା ପାର୍ଥକ୍ୟ ଅଟେ।" ବିଶେଷଜ୍ଞଙ୍କ କହିବା କଥା ହେଲା ନାଁ କେବଳ ଏକ ଶବ୍ଦ ବା ଚିହ୍ନଟ କରିବାର ଏକ ଲେବଲ୍ ଅଟେ, ଯାହାର ପ୍ରାୟତଃ କୌଣସି ଦୃଶ୍ୟମାନ ଛବି ସହ ସିଧାସଳଖ ସମ୍ପର୍କ ନଥାଏ। ତେଣୁ ମାନସିକ ଚାପ, କ୍ଲାନ୍ତି, ବ୍ୟସ୍ତତା କିମ୍ବା ଏକ ସମୟରେ ଅନେକ ଲୋକଙ୍କୁ ଭେଟିବା ଭଳି ପରିସ୍ଥିତିରେ ନାଁ ଭୁଲିଯିବା ସାଧାରଣ କଥା ବୋଲି ଧରାଯାଏ। ନେହା ସିହ୍ନା କୁହନ୍ତି ଯେ ଆଜିର ଦ୍ରୁତ ଗତିଶୀଳ ସାମାଜିକ ପରିବେଶରେ କାହାର ନାଁ ଭୁଲିଯିବା ସମ୍ପୂର୍ଣ୍ଣ ସାଧାରଣ କଥା ଏବଂ ଅଧିକାଂଶ ସୁସ୍ଥ ବୟସ୍କଙ୍କ ସହ କେବେ ନା କେବେ ଏମିତି ହୋଇଥାଏ। ତେବେ, ଚେହେରା ଚିହ୍ନିବାର କ୍ଷମତା ମାନବ ବିବର୍ତ୍ତନର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିଆସିଛି। ମଣିଷ ହଜାର ହଜାର ବର୍ଷ ଧରି ନିଜ ପରିବାର, ସାଙ୍ଗସାଥୀ ଏବଂ ଆସୁଥିବା ବିପଦକୁ ଚେହେରା ଆଧାରରେ ହିଁ ଚିହ୍ନି ଆସିଛି। ଏହି କାରଣରୁ ବ୍ରେନରେ ଚେହେରା ଚିହ୍ନିବା ପାଇଁ ସ୍ୱତନ୍ତ୍ର ନେଟୱର୍କ ଥାଏ। ଗବେଷଣାରୁ ଜଣାପଡ଼ିଛି ଯେ ଏହି ନେଟୱର୍କଗୁଡ଼ିକରେ କୌଣସି ପ୍ରକାରର ତ୍ରୁଟି କିମ୍ବା ଅବନତି ହେଲେ 'ପ୍ରୋସୋପାଗ୍ନୋସିଆ' ଅର୍ଥାତ୍ 'ଫେସ୍ ବ୍ଲାଇଣ୍ଡନେସ୍' ଭଳି ସ୍ଥିତି ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ଏହାର ସମ୍ପର୍କ ଆଲଜାଇମର ରୋଗ, ଫ୍ରଣ୍ଟୋଟେମ୍ପୋରାଲ୍ ଡିମେନ୍ସିଆ ଏବଂ ଅନ୍ୟାନ୍ୟ ସ୍ନାୟୁଗତ ରୋଗ ସହିତ ମଧ୍ୟ ଦେଖାଯାଇଛି। ବାରମ୍ବାର ହେଉଥିବା ସ୍ମୃତି ଶକ୍ତି ଜନିତ ସମସ୍ୟା ନ୍ୟୁରୋକଗ୍ନିଟିଭ୍ ଅବନତିର ପ୍ରାରମ୍ଭିକ ସଙ୍କେତ ହୋଇପାରେ। ବିଶେଷ କରି ଆଲଜାଇମର ଏବଂ ଫ୍ରଣ୍ଟୋଟେମ୍ପୋରାଲ୍ ଡିମେନ୍ସିଆ ଭଳି ସ୍ଥିତିରେ ଅନେକ ସମୟରେ ଚେହେରା ଚିହ୍ନିବାର କ୍ଷମତା ପ୍ରଭାବିତ ହେବ।





## ଚୀନରେ ରୋବୋଟ୍ ତିଆରି କରୁଛି ପପ୍‌କର୍ଣ୍ଣ ଓ ଆଇସକ୍ରିମ

କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ରୋବୋଟିକ୍ସ କ୍ଷେତ୍ରରେ ଚୀନ ଆଉ ଏକ ବଡ଼ ସଫଳତା ହାସଲ କରିଛି। ବର୍ତ୍ତମାନ ଚୀନରେ ଅନୁଷ୍ଠିତ ହୋଇଥିବା ଏକ ପ୍ରକାଣ୍ଡ ପ୍ରଦର୍ଶନୀରେ କୃତ୍ରିମ ବୁଦ୍ଧିମତା ସମ୍ପନ୍ନ ମାନବ ସଦୃଶ ରୋବୋଟ୍ ବା ହ୍ୟୁମାନଏଡ୍ ରୋବୋଟ୍ ମାନେ ସମସ୍ତଙ୍କ ପାଇଁ ଆକର୍ଷଣର ପ୍ରମୁଖ କେନ୍ଦ୍ରବିନ୍ଦୁ ସାଜିଛନ୍ତି। ଏହି ଅତ୍ୟାଧୁନିକ ରୋବୋଟ୍‌ଗୁଡ଼ିକ କେବଳ ବଡ଼ ବଡ଼ ଶିଳ୍ପ କାରଖାନା କିମ୍ବା ବୈଜ୍ଞାନିକ ଗବେଷଣାଗାରର ଚାରି କାନ୍ଥ ମଧ୍ୟରେ ସୀମିତ ନ ରହି ଏବେ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିବା ସ୍ନାକ୍ସ ବା ଜଳଖିଆ ଅତି ସୁଗମତାର ସହ ପ୍ରସ୍ତୁତ କରିବା ଆରମ୍ଭ କଲେଣି। ପ୍ରଦର୍ଶନୀ ସ୍ଥଳରେ ଏହି ରୋବୋଟ୍‌ଗୁଡ଼ିକ ଅତି ସୂକ୍ଷ୍ମତା, ସନ୍ତୁଳନ ଏବଂ କ୍ଷିପ୍ରତାର ସହ ଗ୍ରାହକମାନଙ୍କ ଆଦେଶ ଅନୁଯାୟୀ ଗରମାଗରମ ପପ୍‌କର୍ଣ୍ଣ ଏବଂ ସ୍ୱାଦିଷ୍ଟ ଆଇସକ୍ରିମ ପ୍ରସ୍ତୁତ କରି ସେମାନଙ୍କୁ ପରଷୁଥିବାର ଦୃଶ୍ୟ ସମସ୍ତଙ୍କୁ ଚକିତ କରିଛି। ଏହି ରୋବୋଟ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଭାବେ କାର୍ଯ୍ୟ କରିବା ପାଇଁ ଏକ ସ୍ୱତନ୍ତ୍ର ଏବଂ ଜଟିଳ ପ୍ରଶିକ୍ଷଣ ପ୍ରକ୍ରିୟା ଦେଇ ଗତି କରିବାକୁ ପଡୁଛି। ପ୍ରଯୁକ୍ତିବିଦ୍ୟା କେନ୍ଦ୍ରର ବିଶେଷଜ୍ଞ ଓ ବୈଜ୍ଞାନିକମାନେ ଭର୍ଚ୍ଚୁଆଲ୍ ରିଆଲିଟି ହେଡ୍‌ସେଟ୍ ଏବଂ ସେନ୍ସରଯୁକ୍ତ କଣ୍ଟ୍ରୋଲର୍ ସାହାଯ୍ୟରେ ଏହି ରୋବୋଟ୍‌ଗୁଡ଼ିକୁ ଠିକ୍ ମଣିଷ ଭଳି ସଠିକ୍ ଭାବେ କାମ କରିବା ଶିଖାଉଛନ୍ତି। ଯେମିତି ଜଣେ କୁଶଳୀ କାରିଗର କିମ୍ବା ଶିକ୍ଷକ ନୂଆ ଶିଖୁଥିବା ପିଲାକୁ ପ୍ରତିଟି କାମ ଅତି ଯତ୍ନର ସହ ଶିଖାଇଥାନ୍ତି, ଏଠାରେ ମଧ୍ୟ ସେହିଭଳି ରୋବୋଟ୍‌କୁ ପପ୍‌କର୍ଣ୍ଣ ମେସିନରୁ ଗରମ ପପ୍‌କର୍ଣ୍ଣ କାଢ଼ି କାଗଜ ଟବ୍ ବା କପ୍ରେ ସଜାଇ ରଖିବା, ଉପଯୁକ୍ତ ପରିମାଣର କ୍ରିମ୍ ବ୍ୟବହାର କରି ଆଇସକ୍ରିମ କୋନ୍ ପ୍ରସ୍ତୁତ କରିବା ଏବଂ କାମ ସରିବା ପରେ ସେହି କାଉଣ୍ଟର କିମ୍ବା ମେଜକୁ ସଫା ସୁତୁରା କରିବା ଭଳି କାର୍ଯ୍ୟ ଅତି ନିଖୁଣ ଭାବେ ଶିଖାଯାଉଛି। ଏହି ପ୍ରଶିକ୍ଷଣ ସମୟରେ ରୋବୋଟ୍ର ପ୍ରତିଟି ଶାରୀରିକ ଗତିବିଧି, ତାର ଯାନ୍ତ୍ରିକ ଆଙ୍ଗୁଠିର ଚାପ ଏବଂ କାର୍ଯ୍ୟ କରିବାର କୌଶଳକୁ କମ୍ପ୍ୟୁଟର ପ୍ରଣାଳୀରେ ଡାଟା ବା ତଥ୍ୟ ଭାବେ ସଂରକ୍ଷିତ କରାଯାଉଛି। ଏହି ସଂଗୃହିତ ତଥ୍ୟ ଆଧାରରେ ଅନ୍ୟ ସମାନ ଗଠନର ରୋବୋଟ୍‌ଗୁଡ଼ିକ ମଧ୍ୟ କୌଣସି ମାନବୀୟ ସହାୟତା ବିନା ସେହି ସମାନ କାର୍ଯ୍ୟକୁ ସ୍ୱାଧୀନ ଭାବେ ଏବଂ ବିନା କୌଣସି ତ୍ରୁଟିରେ ଦୋହରାଇ ପାରୁଛନ୍ତି। ଚୀନର ବିଭିନ୍ନ ବ୍ୟବସାୟିକ କ୍ଷେତ୍ରରେ ଏହି ପ୍ରକାର ରୋବୋଟ୍ମାନଙ୍କର ଚାହିଦା ଏବଂ ବ୍ୟବହାର ଏବେ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ଦିନରେ ସିନେମା ହଲ୍, ସାର୍ବଜନୀନ ପାର୍କ, ବଡ଼ ବଡ଼ ରେସ୍ତୋରାଁ, ସୁପରମାର୍କେଟ୍ ଏବଂ କର୍ପୋରେଟ୍ କାର୍ଯ୍ୟାଳୟଗୁଡ଼ିକରେ ଗ୍ରାହକମାନଙ୍କୁ ସେବା ଯୋଗାଇବା ପାଇଁ ଏହି ମାନବ ସଦୃଶ ରୋବୋଟ୍ମାନଙ୍କୁ ବ୍ୟାପକ ଭାବେ ନିୟୋଜିତ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି। ଏହି ଆଧୁନିକ ଯାନ୍ତ୍ରିକ ବ୍ୟବସ୍ଥା ଦ୍ୱାରା ବାଣିଜ୍ୟିକ ସେବା କ୍ଷେତ୍ରରେ ଏକ ବଡ଼ ବିପ୍ଳବ ଆସିବା ସହ ଶ୍ରମିକ ଅଭାବ ଭଳି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ବିଶେଷଜ୍ଞମାନେ ଆଶା ପ୍ରକଟ କରିଛନ୍ତି। ପ୍ରଯୁକ୍ତିବିଦ୍ୟାର ଏହି ଅଭୁତ ପୂର୍ବ ଅଗ୍ରଗତି ଚୀନର ଶିଳ୍ପ ଏବଂ ବୈଜ୍ଞାନିକ ପ୍ରଗତିକୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ଦେଇଛି, ଯାହା ଆଗାମୀ ଭବିଷ୍ୟତ।



## ୧୬ ବର୍ଷରୁ କମ ପିଲାଙ୍କ ପାଇଁ ସୋସିଆଲ ମିଡିଆ ମନା

ସମଗ୍ର ବିଶ୍ୱରେ ଡିଜିଟାଲ ବିପ୍ଳବ ଜାରି ରହିଥିବା ବେଳେ ବ୍ରିଟେନରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। କିଶୋର କିଶୋରୀମାନଙ୍କ ସୁରକ୍ଷା ଏବଂ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେଠାକାର ସରକାର ଏକ ବଡ଼ ଧରଣର ଆଇନଗତ ପଦକ୍ଷେପ ଗ୍ରହଣ କରିଛନ୍ତି। ବ୍ରିଟେନର ପ୍ରଧାନମନ୍ତ୍ରୀ କିର ଷ୍ଟାରମର ଦେଶରେ ୧୬ ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆର ବ୍ୟବହାର ଉପରେ ସମ୍ପୂର୍ଣ୍ଣ ରୂପେ ପ୍ରତିବନ୍ଧକ ଲଗାଇବାକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ପରେ ବର୍ତ୍ତମାନ ସାରା ବିଶ୍ୱରେ ବାଲ୍ୟକାଳ ଏବଂ ଡିଜିଟାଲ ଦୁନିଆର ସୀମାକୁ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରଧାନମନ୍ତ୍ରୀ ନିଜ ବକ୍ତବ୍ୟରେ ସ୍ପଷ୍ଟ କରିଛନ୍ତି ଯେ ବିଭିନ୍ନ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ ଆଜିର ଯୁବପିଢ଼ି ଓ ଛୋଟ ପିଲାମାନଙ୍କୁ କ୍ରମାଗତ ଭାବେ ଅସନ୍ତୁଷ୍ଟ, ଚିନ୍ତାଗ୍ରସ୍ତ ଏବଂ ମାନସିକ ସ୍ତରରେ ବିବ୍ରତ କରିଚାଲିଛି। ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର, ସାଇବର ପରିବେଶ ଏବଂ ଅନଲାଇନରେ ପ୍ରଦର୍ଶିତ ହେଉଥିବା ବିଭିନ୍ନ ନକାରାତ୍ମକ ବିଷୟବସ୍ତୁ ଯୋଗୁଁ ପିଲାମାନେ ନିଜ ପାଠ ପଢ଼ା ଏବଂ ସ୍ୱାଭାବିକ ସାମାଜିକ ଜୀବନରୁ ଦୂରେଇ ଯାଉଛନ୍ତି। ଏହା ସେମାନଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଅତି ମାରାତ୍ମକ ପ୍ରଭାବ ପକାଉଛି, ଯାହାକୁ ଆଉ ଅଣଦେଖା କରାଯାଇପାରିବ ନାହିଁ। ସେଥି ପାଇଁ ସରକାର ଦେଶର ଆଗାମୀ ପିଢ଼ିକୁ ମାନସିକ ଅବସାଦ ରୁ ରକ୍ଷା କରିବାକୁ ଏଭଳି ଏକ କଠୋର ନିଷ୍ପତ୍ତି ନେବାକୁ ବାଧ ହୋଇଛନ୍ତି। ତେବେ ବ୍ରିଟେନ ସରକାରଙ୍କ ଏହି ନୂତନ ଏବଂ କଠୋର ଆଭିମୁଖ୍ୟ ଯୋଗୁଁ ଆଗାମୀ ଦିନରେ ଆମେରିକାର ବଡ଼ ବଡ଼ ପ୍ରଯୁକ୍ତି ବିଦ୍ୟା କମ୍ପାନୀଗୁଡ଼ିକ ସହ ଏକ ବଡ଼ ଧରଣର ବିବାଦ ଓ ଆଇନଗତ ଲଢ଼େଇ ସୃଷ୍ଟି ହେବାର ପୂର୍ଣ୍ଣ ଆଶଙ୍କା ରହିଛି। ଏହି ପ୍ରତିବନ୍ଧକ ଯୋଗୁଁ ସେହିସବୁ ଆନ୍ତର୍ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାଗୁଡ଼ିକର ଉପଭୋକ୍ତା ସଂଖ୍ୟା ବହୁ ପରିମାଣରେ ହ୍ରାସ ପାଇବ, ଯାହା ସେମାନଙ୍କ ବ୍ୟବସାୟିକ ସାମ୍ରାଜ୍ୟ ଏବଂ ଆର୍ଥିକ ସ୍ଥିତିକୁ ବିଶେଷ ଭାବେ ପ୍ରଭାବିତ କରିବ। ଏହି କାରଣରୁ ଏହି ବଡ଼ କମ୍ପାନୀଗୁଡ଼ିକ ସରକାରଙ୍କ ଏହି ନିୟମକୁ ସହଜରେ ଗ୍ରହଣ ନକରି ଏହା ବିରୋଧରେ ସ୍ୱର ଉତ୍ତୋଳନ କରି ପାରନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଗତ ବର୍ଷ ଡିସେମ୍ବର ମାସରେ ଅଷ୍ଟ୍ରେଲିଆ ବିଶ୍ୱର ପ୍ରଥମ ଦେଶ ଭାବରେ ୧୬ ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ ଆଇନଗତ ପ୍ରତିବନ୍ଧକ ଲଗାଇ ଇତିହାସ ରଚିଥିଲା। ଅଷ୍ଟ୍ରେଲିଆ ପରେ ବର୍ତ୍ତମାନ ବ୍ରିଟେନ ବିଶ୍ୱର ଦ୍ୱିତୀୟ ପ୍ରମୁଖ ରାଷ୍ଟ୍ର ଭାବରେ ନିଜ ଦେଶର ପିଲାମାନଙ୍କୁ ଇଣ୍ଟରନେଟ୍‌ର ଏହି କୁପ୍ରଭାବ ଓ ସାଇବର ଜଗତର ବିପଦ ରୁ ରକ୍ଷା କରିବା ପାଇଁ ସମାନ ନିଷ୍ପତ୍ତି ଗ୍ରହଣ କରିଛି।



ଏହି ନିୟମକୁ ବାସ୍ତବ ଗ୍ରାଉଣ୍ଡରେ କିପରି ସଫଳତାର ସହ ଲାଗୁ କରାଯିବ, ଇଣ୍ଟରନେଟ୍ ବ୍ୟବହାରକାରୀ ପିଲାମାନଙ୍କର ପ୍ରକୃତ ବୟସ କିପରି ସଠିକ୍ ଭାବେ ଯାଞ୍ଚ କରାଯିବ ଏବଂ ଏଥିରେ ଅଭିଭାବକମାନଙ୍କର କିଭଳି ଭୂମିକା ରହିବ, ସେ ନେଇ ବ୍ରିଟେନ ସରକାର ଏକ ସ୍ୱତନ୍ତ୍ର ଏବଂ ବ୍ୟାପକ କାର୍ଯ୍ୟପନ୍ଥା ପ୍ରସ୍ତୁତ କରୁଛନ୍ତି। ରାଷ୍ଟ୍ରର ସୁରକ୍ଷା ଓ ଶିଶୁମାନଙ୍କ କଲ୍ୟାଣ ପାଇଁ ଏହି ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବ ବୋଲି ସ୍ପଷ୍ଟ ସଂକେତ ମିଳିଛି।



# ରାଜ୍ୟ ଖବର



## ଚାଷୀକୁ ଦୁଶ୍ଚିନ୍ତା ଭିତରକୁ ଠେଲି ଦେଇଛି ବର୍ଷା: ବିକଳ୍ପ ଚାଷ ପାଇଁ ସଜବାଜ ଚାଷୀ



ରାଉରକେଲା: ସ୍ୱଳ୍ପ ବର୍ଷା ଯୋଗୁ ସୁନ୍ଦରଗଡ଼ ଜିଲ୍ଲାରେ ଧାନଚାଷ ବହୁମାତ୍ରାରେ ପ୍ରଭାବିତ ହେଲାଣି। ଜୁନ୍ ମାସରେ ୭୭ ପ୍ରତିଶତ ବର୍ଷା ଅଭାବ ଚାଷୀକୁଳକୁ ଦୁଶ୍ଚିନ୍ତା ଭିତରକୁ ଠେଲି ଦେଇଛି। ଫଳରେ ଚାଷୀ ଧାନ ଅପେକ୍ଷା ପନିପରିବା, ଡାଲିଜାତୀୟ ଚାଷ ଆଡ଼କୁ ମୁହାଁଇଲେଣି। ଏମିତିକି ବର୍ଷା ଆହୁରି ବିଳମ୍ବ ହେବା ଆଶଙ୍କା ଥିବାରୁ ଜିଲ୍ଲା କୃଷି ବିଭାଗ ଜରୁରିକାଳୀନ ଆକସ୍ମିକ ଯୋଜନା (କଣ୍ଟିଜେନ୍ସି ପ୍ଲାନ୍) ପାଇଁ ପ୍ରସ୍ତୁତ ହେଉଛନ୍ତି।

ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୫ଟି ବ୍ଲକ୍ ଯଥା ବଣାଇ, ଗୁରୁଣ୍ଡିଆ, କୁଆରମୁଣ୍ଡା, କୁତ୍ରା ଓ ଲେଫ୍ରିପଡ଼ା ବ୍ଲକ୍‌ରେ ଧାନଚାଷ ଆରମ୍ଭ ହୋଇ ପାରିନଥିବାବେଳେ ନୂଆଗାଁ, ସୁନ୍ଦରଗଡ଼ ସଦର, ବଡ଼ଗାଁ ଓ ଟାଙ୍ଗରପାଲିରେ ଚାଷ ପରିମାଣ ଅତି ନଗଣ୍ୟ। କେବଳ ନିଶ୍ଚିତ ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଅଳ୍ପସଂଖ୍ୟକ ଚାଷୀ ତଳି ପକାଇବା କାମ ଆରମ୍ଭ କରିଥିବାବେଳେ କିଛି ଚାଷୀ ଆଗକୁ ଭଲ ବର୍ଷା ହେବା ଆଶାରେ ସିଧାସଳଖ ବିହନ ବୁଣିବା ଆରମ୍ଭ କରିଦେଇଛନ୍ତି। ଯଦି ଆଗାମୀ ୭/୮ ଦିନ ମଧ୍ୟରେ ବର୍ଷା ନହୁଏ, ତେବେ ବୁଣାଯାଇଥିବା ବିହନଗୁଡ଼ିକ ଫୁଲିଯିବା ସହ ଆଦୌ ଗଜା ହେବନାହିଁ। ଅପରପକ୍ଷରେ ଏଲ୍ ନିନୋ ପ୍ରଭାବରେ କୃଷି ବ୍ୟବସ୍ଥା ବାଧାପ୍ରାପ୍ତ ହେବା ପରିସ୍ଥିତିକୁ ସାମନା କରିବା ପାଇଁ ଜିଲ୍ଲା ପ୍ରଶାସନ ଆକସ୍ମିକ ଯୋଜନା ଉପରେ ଧ୍ୟାନ କେନ୍ଦ୍ରିତ କରିଛି। କିଛି ଦିନ ପୂର୍ବେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ କିରେଇସ୍ଥିତ ଆଞ୍ଚଳିକ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର କେନ୍ଦ୍ର (ଆର୍‌ଆର୍‌ଟିଟିଏସ୍) ଦ୍ୱାରା ପ୍ରସ୍ତୁତ ଜିଲ୍ଲାର ଆକସ୍ମିକ ଯୋଜନାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି। ବର୍ତ୍ତମାନର ନିଷ୍ପତ୍ତି ଅନୁଯାୟୀ, ଯଦି ବର୍ଷା ଆଉ ୨ ସପ୍ତାହ ବିଳମ୍ବ ହୁଏ, ତେବେ ମଧ୍ୟମ ଅବଧିର ଧାନ, ମାଣ୍ଡିଆ ଓ କିଛି ନିର୍ଦ୍ଦିଷ୍ଟ ପନିପରିବା ଚାଷ ଉପରେ ଗୁରୁତ୍ୱ ଦିଆଯିବ। ଯଦି ବର୍ଷା ଆହୁରି ଅଧିକ ବିଳମ୍ବ ହୁଏ, ତେବେ ଚାଷୀମାନଙ୍କୁ ଧାନଚାଷ ପରିମାଣ କମାଇ କିଛି ନିର୍ଦ୍ଦିଷ୍ଟ କିସମର ସିଧାସଳଖ ବୁଣାଧାନ ସହିତ ବାଜରା, ତୈଳବୀଜ ଓ ପନିପରିବା ଚାଷ କରିବାକୁ ଜିଲ୍ଲା କୃଷି ବିଭାଗ ପକ୍ଷରୁ ପ୍ରୋତ୍ସାହିତ କରାଯିବ।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଜିଲ୍ଲାରେ ମୋଟ୍ ୧,୯୮,୪୦୦ ହେକ୍ଟର ଜମିରେ ଧାନଚାଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଏଥିମଧ୍ୟରୁ ବାଲିଶଙ୍କରା ବ୍ଲକ୍‌ରେ ୧୧୮୧୮ ହେକ୍ଟରରେ ଧାନଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ବଣାଇଗଡ଼ରେ ୧୧୧୧୫ ହେକ୍ଟର, ବଡ଼ଗାଁରେ ୧୦୩୦୯ ହେକ୍ଟର, ବିଶ୍ରାରେ ୫୦୩୬ ହେକ୍ଟର, ଗୁରୁଣ୍ଡିଆରେ ୧୧୪୭୨ ହେକ୍ଟର, ହେମଗିରରେ ୧୨୪୮୧ ହେକ୍ଟର, କୋଇଡ଼ାରେ ୯୨୮୮ ହେକ୍ଟର, କୁଆରମୁଣ୍ଡାରେ ୧୪୫୯୯ ହେକ୍ଟର, କୁତ୍ରାରେ ୧୦୭୨୫ ହେକ୍ଟର, ଲହୁଣିପଡ଼ାରେ ୧୨୩୬୪ ହେକ୍ଟର, ଲାଠିକଟାରେ ୧୭୩୮୧ ହେକ୍ଟର, ଲେଫ୍ରିପଡ଼ାରେ ୧୦୮୨୫ ହେକ୍ଟର, ନୂଆଗାଁରେ ୧୬୩୬୬ ହେକ୍ଟର, ରାଜଗାଙ୍ଗପୁରରେ ୯୮୩୨ ହେକ୍ଟର, ସବଡେଗାରେ ୧୦୭୬୮ ହେକ୍ଟର, ଟାଙ୍ଗରପାଲିରେ ୧୧୧୫୮ ହେକ୍ଟର ଓ ସୁନ୍ଦରଗଡ଼ ସଦର ବ୍ଲକ୍‌ରେ ୧୨୮୬୩ ହେକ୍ଟରରେ ଧାନଚାଷ ପାଇଁ କୃଷି ବିଭାଗ ଲକ୍ଷ୍ୟ ରଖିଛି।

## ରାଜ୍ୟର ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କୁ ମିଳିବ ଗୁରୁତ୍ୱ: ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର




ବାରିପଦା: ରାଜ୍ୟର ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କୁ ଗୁରୁତ୍ୱ ମିଳିବ। ସେମାନଙ୍କ ଋଣ ପ୍ରଦାନ ବ୍ୟବସ୍ଥାକୁ ସୁଗମ କରାଯିବ ଏବଂ ଉଦ୍ୟୋଗ ସ୍ଥିତି ସମ୍ପର୍କରେ ସଚେତନତା ମଧ୍ୟ କରାଯିବ ବୋଲି ଆନ୍ତର୍ଜାତୀୟ ବିଶ୍ୱ ଏମଏସଏମଇ ଦିବସ ଅବସରରେ, ବାରିପଦାସ୍ଥିତ ଐତିହାସିକ ଶ୍ରୀରାମ ଚନ୍ଦ୍ର ପାଠାଗାରଠାରେ ମୟୂରଭଞ୍ଜଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ 'ଉଦ୍ୟମୀ ଓଡ଼ିଶା ଏମ୍‌ଏସଏମଇ କାର୍ଯ୍ୟକ୍ରମ' ଅଧୀନରେ ଏକ ସ୍ୱତନ୍ତ୍ର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। 'ଉଦ୍ୟୋଗୀ ସଚେତନତା ଏବଂ ଋଣ ସୁବିଧା' ବିଷୟବସ୍ତୁକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ନୂତନ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାନୀୟ ବ୍ୟବସାୟୀମାନେ ଯୋଗ ଦେଇଥିଲେ। ଏଥିରେ ଯୋଗ ଦେଇ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (MSME) କ୍ଷେତ୍ର ପାଇଁ ଏକ ସୁଦୃଢ଼ ଓ ଆତ୍ମନିର୍ଭରଶୀଳ ବ୍ୟବସ୍ଥା ଗଠନ କରିବା ନେଇ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଆର୍ଥିକ ସାକ୍ଷରତାର ପ୍ରସାର ଏବଂ ସଂସ୍ଥାଗତ ଋଣ ପ୍ରକ୍ରିୟାକୁ ସହଜ କରିବା ଦ୍ୱାରା ମୟୂରଭଞ୍ଜର ବିପୁଳ ତଥା ଅପ୍ରକାଶିତ ଉଦ୍ୟୋଗୀ ପ୍ରତିଭାକୁ ସାମ୍ନାକୁ ଅଣାଯାଇପାରିବ।

ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଋଣ ଉପଲବ୍ଧତା ଏବଂ ତୃଣମୂଳ ସ୍ତରର ନବୋନ୍ମେଷ ମଧ୍ୟରେ ଥିବା ଦୂରତାକୁ ଦୂର କରିବା ଉପରେ ଆମେ ସମ୍ପୂର୍ଣ୍ଣ ଧ୍ୟାନ କେନ୍ଦ୍ରୀଭୂତ କରୁଛୁ,' ବୋଲି ଡ. ମହାପାତ୍ର କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଋଣ ଯୋଜନା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ନୀତି ଏବଂ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ବିପଦ ମୁକ୍ତ କରିବା ପାଇଁ ପ୍ରସ୍ତୁତ ରିହାତି ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ବରିଷ୍ଠ ଅଧିକାରୀ, ବ୍ୟାଙ୍କ ପ୍ରତିନିଧି ଏବଂ ସ୍ଥାନୀୟ ପ୍ରଶାସନିକ ସଂସ୍ଥାର ଅଧିକାରୀମାନେ ଯୋଗଦେଇ ଉପସ୍ଥିତ ବ୍ୟକ୍ତିମାନଙ୍କୁ ତୁରନ୍ତ ପଞ୍ଜୀକରଣ ଏବଂ ସହଜ ଋଣ ମଞ୍ଜୁରୀ ପ୍ରକ୍ରିୟା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ।

## ବଦଳି ଅସ୍ଥାୟୀ, ଭୁବନେଶ୍ୱର ସ୍ଥାୟୀ !:ସମବାୟ ବିଭାଗର ନୂଆ ମାପକାଠିକୁ ନେଇ କର୍ମଚାରୀ ମହଲରେ ଚର୍ଚ୍ଚା




ଭୁବନେଶ୍ୱର: ସମବାୟ ବିଭାଗରେ ବଦଳି ନୀତିକୁ ନେଇ ଏବେ ନୂଆ ଚର୍ଚ୍ଚା ଜୋର ଧରିଛି। କର୍ମଚାରୀ ମହଲରେ କୁହାଯାଉଛି , ବିଭାଗ ପକ୍ଷରୁ ନୂଆ ମାପକାଠି ପ୍ରଚଳନ କରାଯାଇଛି।ସାଧାରଣ କର୍ମଚାରୀଙ୍କ ପାଇଁ ନିୟମ ହେଉଛି – ଟଙ୍କା ବ୍ୟାଗ ଦିଅ, ନହେଲେ ଜିଲ୍ଲା ବଦଳାଅ ! ଅନ୍ୟପଟେ କିଛି ବିଶେଷ କର୍ମଚାରୀଙ୍କ ପାଇଁ ନିୟମ ଭିନ୍ନ। ସେମାନଙ୍କ କ୍ଷେତ୍ରରେ ଯେଉଁଠି ବଦଳି ହେଉନା କାହିଁକି, ଶେଷରେ ଗନ୍ତବ୍ୟସ୍ଥଳ ହେଉଛି ଭୁବନେଶ୍ୱର।ନିହାରିକାଙ୍କ ପୁଣି ଥରେ ଭୁବନେଶ୍ୱର ବଦଳି ଖବର ପ୍ରକାଶ ପାଇବା ପରେ ବିଭାଗୀୟ କର୍ମଚାରୀମାନେ ଏବେ ନୂଆ ପ୍ରଶ୍ନ ଉଠାଉଛନ୍ତି। ବଦଳି ଆଦେଶ ସତରେ ଅଫିସରେ ପ୍ରସ୍ତୁତ ହେଉଛି ତ, ନା ଏଚଓ ଲୋକେସନ୍ ଦେଖି ପ୍ରସ୍ତୁତ କରାଯାଉଛି ?କର୍ମଚାରୀଙ୍କ ମଧ୍ୟରେ କୁହାଯାଉଛି ଯେ, କିଛି ଅଧିକାରୀଙ୍କ ବଦଳି ବ୍ୟବସ୍ଥା ଠିକ୍ Google Map ପରି। ଯେତେ ଦୂରକୁ ପଠାଇଲେ ମଧ୍ୟ କିଛି ଦିନ ପରେ ସିଷ୍ଟମ୍ ନିଜେ କହିଦିଏ— "Recalculating Route to Bhubaneswar…"ଏହାକୁ ନେଇ ବିଭାଗୀୟ ମହଲରେ ବିଭିନ୍ନ ଚର୍ଚ୍ଚା ଚାଲିଥିବା ବେଳେ, ବଦଳି ନୀତିରେ ସ୍ୱଚ୍ଛତା ଓ ସମାନତା ରକ୍ଷା କରିବାକୁ କର୍ମଚାରୀମାନେ ଦାବି କରୁଛନ୍ତି। ତେବେ ଏହି ଚର୍ଚ୍ଚା ଓ କେବଳ କର୍ମଚାରୀ ମହଲର ମତାମତ ହୋଇଥିବା ବେଳେ, ବିଭାଗ ପକ୍ଷରୁ ଏନେଇ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ମିଳିନାହିଁ ।

## ଏବେ ବି ଚାଷୀଙ୍କ ସାହାରା ହଳ-ଲଙ୍ଗଳ



ପାରଳାଖେମୁଣ୍ଡି: ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ସହିତ କୃଷି କ୍ଷେତ୍ରରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଆସିଛି। ଏକ ସମୟରେ ହଳ, ଲଙ୍ଗଳ ଓ ବଳଦ ଉପରେ ନିର୍ଭର କରି ଚାଷ କରାଯାଉଥିବା ବେଳେ ବର୍ତ୍ତମାନ ଟ୍ରାକ୍ଟର, ପାୱାର ଟିଲର ଓ ଅନ୍ୟାନ୍ୟ ଆଧୁନିକ କୃଷି ଯନ୍ତ୍ରପାତି କୃଷକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏହା ଫଳରେ ପାରମ୍ପରିକ ହଳ-ଲଙ୍ଗଳର ବ୍ୟବହାର ପୂର୍ବ ତୁଳନାରେ ବହୁ ପରିମାଣରେ କମିଯାଇଛି। ତଥାପି ଆଜି ମଧ୍ୟ ଏହାର ଗୁରୁତ୍ୱ ଓ ଚାହିଦା ସମ୍ପୂର୍ଣ୍ଣ ଭାବେ ଶେଷ ହୋଇନାହିଁ। ଗଜପତି ଭଳି ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ଆଜି ମଧ୍ୟ ଅନେକ କୃଷକ ବଳଦ ସାହାଯ୍ୟରେ ହଳ ଚାଷ କରୁଛନ୍ତି। ପାହାଡିଆ, ସଂକୀର୍ଣ୍ଣ ଜମି କିମ୍ବା ଯେଉଁ ସ୍ଥାନରେ ଟ୍ରାକ୍ଟର ପହଞ୍ଚିବା ସମ୍ଭବ ନୁହେଁ, ସେଠାରେ ହଳ-ଲଙ୍ଗଳ ହିଁ କୃଷକଙ୍କ ଏକମାତ୍ର ଭରସା। ଏହି ପଦ୍ଧତିରେ ଚାଷ କଲେ ମାଟିର ପ୍ରାକୃତିକ ଗଠନ ଅଧିକ କ୍ଷତିଗ୍ରସ୍ତ ହୁଏ ନାହିଁ ଏବଂ ଜମିର ଉର୍ବରତା ମଧ୍ୟ ବଜାୟ ରହିଥାଏ। ବଳଦ କେବଳ ଚାଷ କାମରେ ସହଯୋଗ କରେ ନାହିଁ, ବରଂ ଏହାର ଗୋବର ଓ ମୂତ୍ର ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରସ୍ତୁତିରେ ବହୁ ଉପଯୋଗୀ ହୁଏ। ରାସାୟନିକ ସାରର ଅତ୍ୟଧିକ ବ୍ୟବହାର ଯୋଗୁଁ ଜମିର ଉର୍ବରତା କମିଯାଉଥିବା ବେଳେ ଜୈବିକ ସାର ଜମିର ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ସହ ପରିବେଶ ସନ୍ତୁଳନ ବଜାୟ ରଖିବାରେ ମଧ୍ୟ ସହାୟକ ହେଉଛି। ସେଥିପାଇଁ ବର୍ତ୍ତମାନ ଜୈବିକ କୃଷି ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବା ସହ ହଳ-ଲଙ୍ଗଳର ଗୁରୁତ୍ୱ ପୁଣିଥରେ ଅନୁଭବ କରାଯାଉଛି। ଆଧୁନିକ କୃଷି ଯନ୍ତ୍ରପାତି ସମୟ ଓ ଶ୍ରମ ସଞ୍ଚୟ କରୁଥିବା ସତ୍ତ୍ୱେ ଏହାର ଇନ୍ଧନ ଖର୍ଚ୍ଚ, ରକ୍ଷଣାବେକ୍ଷଣ ବ୍ୟୟ ଏବଂ ଛୋଟ କୃଷକଙ୍କ ପାଇଁ ଆର୍ଥିକ ବୋଝ ମଧ୍ୟ କମ୍ ନୁହେଁ। ଅନ୍ୟପକ୍ଷରେ ବଳଦ ଦ୍ୱାରା ଚାଷ କଲେ ଖର୍ଚ୍ଚ କମ୍ ହେବା ସହ ପରିବେଶ ଉପରେ କୌଣସି ପ୍ରଦୂଷଣର ପ୍ରଭାବ ପଡ଼େ ନାହିଁ। ତେଣୁ ଅନେକ କ୍ଷୁଦ୍ର ଓ ପ୍ରାନ୍ତିକକୃଷକଆଜିମଧ୍ୟପାରମ୍ପରିକହଳ-ଲଙ୍ଗଳକୁ ପ୍ରାଧାନ୍ୟ ଦେଉଛନ୍ତି। ସମୟ ବଦଳୁଛି, ପ୍ରଯୁକ୍ତି ବିଦ୍ୟାର ବିକାଶ ହେଉଛି, କିନ୍ତୁ ପାରମ୍ପରିକ କୃଷି ପଦ୍ଧତିରମୂଲ୍ୟକେବେମଧ୍ୟକମିବନାହିଁ।ହଳ-ଲଙ୍ଗଳ କେବଳ ଏକ କୃଷି ଉପକରଣ ନୁହେଁ, ବରଂ ଏହା ଭାରତୀୟ କୃଷି ସଂସ୍କୃତି ଓ ଗ୍ରାମୀଣ ଜୀବନଶୈଳୀର ଏକ ଅମୂଲ୍ୟ ପରମ୍ପରା। ଆଧୁନିକତାର ଦୌଡ଼ରେ ଏହାର ବ୍ୟବହାର କମିଥିଲେ ମଧ୍ୟ ଏହାର ଆବଶ୍ୟକତା, ଉପଯୋଗିତା ଓ ଗୁରୁତ୍ୱ ଆଜି ମଧ୍ୟ ଅକ୍ଷୁଣ୍ଣ ରହିଛି।

## ଧାନ ଉଠାଣ ନେଇ ବିକ୍ଷୋଭ: ଯାନବାହାନ ଚଳାଚଳ ବାଧାପ୍ରାପ୍ତ

ଖଡ଼ିଆଳ: ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ୍ ଅନ୍ତର୍ଗତ ଧାନ ମଣ୍ଡିରୁ ଧାନ ଉଠାଣରେ ଅବ୍ୟବସ୍ଥାକୁ କେନ୍ଦ୍ର କରି କୃଷକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜରାସ୍ତାରେ ଚାଷୀଙ୍କ ବିକ୍ଷୋଭ ଯୋଗୁଁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ସ୍ଥାନୀୟ ବ୍ଲକ୍ ଛକ ଠାରେ ୩୫୩ ନମ୍ବର ଜାତୀୟ ରାଜପଥଙ୍କୁ ଚାଷୀମାନେ ଧାନବସ୍ତା ପକାଇ ଅବରୋଧ କରିଛନ୍ତି। ସେହିଭଳି ଅରେଡା ଠାରେ ଚାଷୀମାନେ ୫୯ ନମ୍ବର ଜାତୀୟ ରାଜପଥକୁ ମଧ୍ୟ ଅବରୋଧ କରିଛନ୍ତି। ଅବରୋଧ କରିଥିବା ବେଳେ ଯାନବାହାନ ଚଲା ଚଳ ବନ୍ଦ ରହି ଅଛି। ପ୍ରଶାସନିକ ଅଧିକାରୀ, ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କର, ଖଡ଼ିଆଳ ତହସିଲଦାର ନରସିଂହ ଗଡବ, ଖଡ଼ିଆଳ ଏସ ଡି ପିଓ କୃଷକଙ୍କ ସହ ଆଲୋଚନା କରିଛନ୍ତି। ଚାଷୀଙ୍କ ଅଭିଯୋଗ ହେଲା, ଖଡ଼ିଆଳ ବିଜେପୁର ମଣ୍ଡିରେ ୫୮୮ ଜଣ ଚାଷୀଙ୍କ ୬୫ ହଜାର ୨ ବସ୍ତା ଧାନ କ୍ରୟ ହୋଇନ ପାରି ପଡ଼ିରହିଛି। ସେହିପରି ଆରେଡା ମଣ୍ଡି ରେ ୨୮୬ ଜଣ ଚାଷୀଙ୍କ ୨୯,୧୪୬ ବସ୍ତା , ଡୁଆଝର ମଣ୍ଡି ରେ ୧୫୨ ଜଣ ୧୭୨୦୬ ବସ୍ତା ଧାନ, ଭୋଜପୁର ମଣ୍ଡି ରେ ୨୦୫ ଜଣ ଚାଷୀଙ୍କ ୨୨ ହଜାର ବସ୍ତା ଧାନ ପଡ଼ିରହିଛି। ଲାଞ୍ଜି ମଣ୍ଡି ରେ ୧୯୯ ଜଣ ଚାଷୀଙ୍କ ୨୩୩୧୫ ବସ୍ତା ଧାନ ପଡ଼ି ରହିଅଛି। ସାନମହେଶ୍ୱର ମଣ୍ଡି ରେ ୨୪୦ ଜଣ ଚାଷୀଙ୍କ ୩୦୦୫୦ ବସ୍ତା ଧାନ ପଡ଼ି ରହିଅଛି । ଖୁଦପେଜ ମଣ୍ଡିରେ ଚାଷୀଙ୍କ ରବି ଧାନ ସଂଗ୍ରହ ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# ମା'ମାନେ ବିକାଶର ନେତୃତ୍ୱ ନେବେ: ମୁଖ୍ୟମନ୍ତ୍ରୀ

## ଗଞ୍ଜାମ ଓ କଳାହାଣ୍ଡିରେ ୨ଟି ମଲ୍‌ଟି-ପ୍ରଡକ୍ଟ ଏମ୍‌ଏସ୍‌ଏମ୍‌ଇ ପାର୍କ ଲୋକାର୍ପିତ



- ❖ ଓଡ଼ିଶା ମହିଳା ଉଦ୍ୟମିତା ପ୍ଲାଟ୍‌ଫର୍ମ ଆରମ୍ଭ
- ❖ ବାଲେଶ୍ୱରରେ ରାଇସ୍ ମିଲିଂ କ୍ଲଷ୍ଟର୍ ଉଦ୍‌ଘାଟିତ
- ❖ ପାହାଲରେ ରସଗୋଲା କ୍ଲଷ୍ଟର୍‌ର ଶିଳାନ୍ୟାସ

ଭୁବନେଶ୍ୱର: ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ରାଜ୍ୟ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି। ନିତି ଆୟୋଗ ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ଲାଟ୍‌ଫର୍ମ (ଓମେନ୍ ଏଣ୍ଟରପ୍ରେନ୍ୟୁୟରସିପ୍ ପ୍ଲାଟଫର୍ମ-ଓଡ଼ିଶା ଚାପ୍‌ଟର) କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମହିଳାମାନଙ୍କ ଅର୍ଥନୈତିକ ନେତୃତ୍ୱର ଏକ ମହାଅଭିଯାନ ବୋଲି 'ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ' ତଥା ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆମର ଲକ୍ଷ୍ୟ ହେଉଛି ଆମେ ଏମିତି ଏକ ଓଡ଼ିଶା ଗଠନ କରିବୁ, ଯେଉଁଠାରେ ମହିଳାମାନେ ଚାକିରି ଖୋଜିବେ ନାହିଁ, ବରଂ ଚାକିରି ସୃଷ୍ଟି କରିବେ, ବିଭିନ୍ନ ଉତ୍ପାଦର କେବଳ ଉପଭୋକ୍ତା ହେବେ ନାହିଁ, ବରଂ ଉତ୍ପାଦକୁ ନିଜେ ସୃଷ୍ଟି କରିବେ, ସେମାନେ ବିକାଶର କେବଳ ଅଂଶୀଦାର ହେବେ ନାହିଁ, ବରଂ ବିକାଶର ନେତୃତ୍ୱ ନେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓମେନ୍ ଏଣ୍ଟରପ୍ରେନ୍ୟୁୟରସିପ୍ ପ୍ଲାଟଫର୍ମ (ଡବ୍ଲୁଇପି)ର ଏକ ବର୍ଷର ଆକ୍ସନ ପ୍ଲାନ୍‌ର ମଧ୍ୟ ଶୁଭାରମ୍ଭ କରିଥିଲେ।

ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳା ସଶକ୍ତୀକରଣ କ୍ଷେତ୍ରରେ 'ସୁଭଦ୍ରା ଯୋଜନା'ର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ଆଜି ଏକ କୋଟିରୁ ଅଧିକ ମହିଳା ଏହି ଯୋଜନାରେ ସଶକ୍ତ ହୋଇ ସ୍ୱାବଲମ୍ବନ ପଥରେ ଅଗ୍ରସର ହେଉଛନ୍ତି। ଆଇଆଇଏମ୍ ସମ୍ବଲପୁର, ଏସ୍‌ବିଆଇ ଏବଂ ଏଆଇ ଭଏସ୍ ବଟ୍ ସର୍ଭେର ତଥ୍ୟ ଅନୁସାରେ ରାଜ୍ୟରେ ମହିଳା ପରିଚାଳିତ ଉଦ୍ୟୋଗ ସଂଖ୍ୟା ୨୫ ପ୍ରତିଶତରୁ ବୃଦ୍ଧି ପାଇ ୫୩ ପ୍ରତିଶତ, ଅର୍ଥାତ୍ ଦୁଇ ଗୁଣରୁ ଅଧିକ ହୋଇଛି। ଏହା ସହିତ ହିତାଧିକାରୀମାନଙ୍କର ହାରାହାରି ବ୍ୟାଙ୍କ ଜମା ୬,୮୮୭ ଟଙ୍କା ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ନୂତନ ଭାବେ ଗଠିତ ଡବ୍ଲୁଇପି ପ୍ଲାଟ୍‌ଫର୍ମ ଜରିଆରେ ମିସନ୍ ଶକ୍ତି, ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟଅପ୍ ଓଡ଼ିଶା, ବ୍ୟାଙ୍କ ଏବଂ ଶିଳ୍ପ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମହିଳାମାନଙ୍କୁ ଆର୍ଥିକ ସହାୟତା, ବଜାର ସୁବିଧା, ମେଣ୍ଟରସିପ୍, ସ୍କିଲ୍ ଡେଭଲପ୍‌ମେଣ୍ଟ ଆଦି ସମସ୍ତ ସୁବିଧା ଗୋଟିଏ ମଞ୍ଚରେ ଯୋଗାଇ ଦିଆଯିବ। ହସ୍ତତନ୍ତ, ସ୍କିଲ୍, ହୋମ୍ ଷ୍ଟେ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଅନେକ ନୂତନ ସହଭାଗିତା ଓ ସହଯୋଗ ମଧ୍ୟ ଆଜି ଆରମ୍ଭ କରାଯାଇଛି। ରାଜ୍ୟର ଅର୍ଥନୈତିକ ବିକାଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ମୂଳ ଇଞ୍ଜିନ୍ ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଭିତ୍ତିଭୂମି ବିକାଶ ପାଇଁ ଅନେକ ନୂତନ ପଦକ୍ଷେପ ଆରମ୍ଭ କରିଛନ୍ତି।

ଏହି ଅବସରରେ ବାଲେଶ୍ୱରଠାରେ ୨୪ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ 'ରାଇସ୍ ମିଲିଂ କ୍ଲଷ୍ଟର୍'ର ଉଦ୍‌ଘାଟନ କରାଯାଇଛି, ଯାହା ରାଇସ୍ ବ୍ରାନ୍ ଅଏଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବ। ସେହିପରି ପାରମ୍ପରିକ ସୁସ୍ୱାଦୁ ଖାଦ୍ୟର ପ୍ରସାର ପାଇଁ ପାହାଳଠାରେ ୧୭ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ 'ରସଗୋଲା କ୍ଲଷ୍ଟର୍' ପାଇଁ ଶିଳାନ୍ୟାସ କରାଯାଇଛି। ଏହାଦ୍ୱାରା ପାହାଳର ଦୈନିକ ଉତ୍ପାଦନ କ୍ଷମତା ୭ ହଜାର କେଜିରୁ ୧୧ ହଜାର କେଜିକୁ ବୃଦ୍ଧି ପାଇବ। ଏହା ବ୍ୟତୀତ ଗଞ୍ଜାମର ବରପାଲି ଓ କଳାହାଣ୍ଡିର କେସିଙ୍ଗାଠାରେ ୧୦ କୋଟି ଟଙ୍କା ଲେଖାଏଁ ବ୍ୟୟରେ ୨ଟି 'ମଲ୍‌ଟି-ପ୍ରଡକ୍ଟ ଏମ୍‌ଏସ୍‌ଏମ୍‌ଇ ପାର୍କ'ର ଉଦ୍‌ଘାଟନ କରାଯାଇଛି। ଆଗାମୀ ଦିନରେ ଏକ ଇଞ୍ଜିନିୟରିଂ କ୍ଲଷ୍ଟର୍, ମୁଦ୍ରଣ ଓ ପ୍ୟାକେଜିଂ କ୍ଲଷ୍ଟର୍ ଏବଂ କାଜୁ କ୍ଲଷ୍ଟର୍‌ର ଶୁଭାରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ମଲ୍‌ଟି ପ୍ରଡକ୍ଟ ଏମ୍‌ଏସ୍‌ଏମ୍‌ଇ ପାର୍କ ସ୍ଥାପନ କରାଯାଉଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ନିତି ଆୟୋଗ ଉପାଧ୍ୟକ୍ଷ ଡ. ଅଶୋକ କୁମାର ଲାହିରୀ ଯୋଗ ଦେଇ କହିଥିଲେ, ଓଡ଼ିଶାର ଜିଏସ୍‌ଡିପି ଅଭିବୃଦ୍ଧି ହାର ଜାତୀୟ ଜିଡିପିଠାରୁ ଅଧିକ। ରାଜ୍ୟର ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ଯୋଗୁଁ ନୀତି ଆୟୋଗର ବିତ୍ତୀୟ ସ୍ୱାସ୍ଥ୍ୟ ସୂଚକାଙ୍କ-୨୦୨୬ରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଛି। ଓଡ଼ିଶା ବର୍ତ୍ତମାନ ବୟନଶିଳ୍ପ ଓ ପର୍ଯ୍ୟଟନ ଭଳି ପ୍ରଚୁର ସୁଯୋଗ ଥିବା କ୍ଷେତ୍ରଗୁଡ଼ିକରେ ଆଗକୁ ବଢୁଥିବା ଦର୍ଶାଇ ଏହାକୁ ଏକ 'ଡାଇନାମିକ ଓଡ଼ିଶା' ବୋଲି ଅଭିହିତ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ଆଜିଠାରୁ ମହିଳାମାନଙ୍କ ପାଇଁ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ସେମାନଙ୍କ ଦକ୍ଷତାକୁ ପ୍ରକାଶ କରିବା ପାଇଁ ଗୋଟିଏ ପ୍ଲାଟ୍‌ଫର୍ମର ଆବଶ୍ୟକତା ଥିଲା, ଯାହା ବାସ୍ତବତାରେ ପରିଣତ ହୋଇଛି। କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ନିତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଆନା ରୟ, ମହିଳା ଓ ଶିଶୁ ବିକାଶ ବିଭାଗର କମିସନର ତଥା ଶାସନ ସଚିବ ଡ. ମୃଣାଳିନୀ ଦରସ୍ୱାଲ ଏବଂ ଆଭାସୀ ମାଧ୍ୟମରେ ଗଞ୍ଜାମ, ବାଲେଶ୍ୱର, କଳାହାଣ୍ଡିଜିଲ୍ଲା ପ୍ରଶାସନ ସମେତ ବହୁ ଶିଳ୍ପପତି, ଅଣୁ ଓ କ୍ଷୁଦ୍ର ଉଦ୍ୟୋଗୀ ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସହସ୍ରାଧିକ ମହିଳା ଉଦ୍ୟୋଗୀ ଉପସ୍ଥିତ ଥିଲେ। ଏମ୍‌ଏସ୍‌ଏମ୍‌ଇ ବିଭାଗର କମିସନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓ ଶିଳ୍ପ ନିର୍ଦ୍ଦେଶିକା ଆବୋଲି ସୁନୀଲ ନରଭାଣେ ଧନ୍ୟବାଦ ଅର୍ପଣ କରିଥିଲେ ।

# ୫ଶହ ଏକରରୁ ଅଧିକ ଜମିକୁ ଜଳସେଚନ ପାଇଁ ଗାଁର ଭଙ୍ଗା ଆଡ଼ିବନ୍ଧ ସଜାଡ଼ିଲେ ଆଦିବାସୀ



କାଳିଆପାଣି:ଯାଜପୁରଜିଲ୍ଲା ସୁକିନ୍ଦା ତହସିଲ କାଳିଆପାଣି ସର୍କଲ କଅଁସ ପଞ୍ଚାୟତ ସଂପୂର୍ଣ୍ଣ ଆଦିବାସୀ ବସବାସ କରୁଥିବା ବାଲିପଡ଼ା(ବାଲିପୁରା) ମୌଜାର ଉପର ମୁଣ୍ଡରେ ଥିବା ଆଡ଼ିବନ୍ଧ ୭ ବର୍ଷ ଧରି ଭଙ୍ଗାଦଦରା ଅବସ୍ଥାରେ ରହିଛି। ମରାମତି ଅଭାବରୁ ଆଡ଼ିବନ୍ଧରେ ପାଣି ସଂରକ୍ଷଣ ହୋଇପାରୁନି। ଭାଙ୍ଗିରୁଜି ଯାଇଥିବା ଶାଖା କେନାଲକୁ ବି ପାଣି ପଶୁନାହିଁ। ମରାମତି ଓ ପୁନରୁଦ୍ଧାର ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସରପଞ୍ଚଙ୍କ ଜରିଆରେ ପ୍ରତିବର୍ଷ ବ୍ଲକ ପ୍ରଶାସନ, କ୍ଷୁଦ୍ର ଜଳସେଚନ ବିଭାଗ ଓ ସ୍ଥାନୀୟ ଖଣି କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ ଦିଆଯାଉଛି। ହେଲେ ଏହାର ରକ୍ଷଣାବେକ୍ଷଣ ଓ ମରାମତି ଦିଗରେ କେହି କର୍ଣ୍ଣପାତ କରୁନଥିବା କିମ୍ବା ପଦକ୍ଷେପ ନେଇନଥିବା ଗ୍ରାମବାସୀ ଅଭିଯୋଗ କରନ୍ତି। ପ୍ରସଙ୍ଗକୁ ନେଇ ଗାଁ ସଭାପତି ବୈଦ୍ୟନାଥ ମୁର୍ମୁଙ୍କ ଆହ୍ୱାନରେ ଅନୁଷ୍ଠିତ ଗ୍ରାମସଭାରେ ଚିନ୍ତା ପ୍ରକଟ କରାଯାଇଥିଲା। ନିଜସ୍ୱ ଉଦ୍ୟମରେ ମରାମତି କାମ ପାଇଁ ଯୋଜନା ହୋଇଥିଲା। ଗାଁର ୨ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମା'ଶକ୍ତି ଓ ବିନ୍ଦୁ ଚନ୍ଦନ ପକ୍ଷରୁ ସହଯୋଗ କରାଯିବ ବୋଲି ସଭାପତି ବାସନ୍ତୀ ମୁର୍ମୁ ଓ ସମ୍ପାଦକ ଦାନ୍‌ଗୀ ମୁର୍ମୁ ଏବଂ ରେବତୀ ଲୋହାର ଓ ସୀତା ମାରାଣ୍ଡି ପ୍ରତିଶ୍ରୁତି ଦେଇଥିଲେ। ଟିକରପଡ଼ା ପାହାଡ଼ରୁ ପ୍ରବାହିତ ଝରଣାର ଜଳ ସଂରକ୍ଷଣ ପାଇଁ ୨୦୦୫ ମସିହାରେ ମାଡା (ମୋଡିଫାଏଡ୍ ଏରିଆ ଡେଭେଲପମେଣ୍ଟ୍ ଏଜେନ୍ସି) ଯୋଜନାରେ ଏକ ଆଡ଼ିବନ୍ଧ ନିର୍ମାଣ କରାଯାଇ ବର୍ଷାଜଳକୁ ସଂରକ୍ଷଣ କରି ଦୋ'ଫସଲି ଚାଷ ଯୋଜନା କରାଯାଇଥିଲା। ଗାଁ ସୀମାନ୍ତ ଦୁଇ ପାହାଡ଼ ଖୋଲ ମଧ୍ୟବର୍ତ୍ତୀ ସ୍ଥାନରେ ମାତ୍ର ୩୦ ଫୁଟ୍ ଦୈର୍ଘ୍ୟର ଆଡ଼ିବନ୍ଧ ନିର୍ମାଣ କରାଯାଇଥିଲା। ଏଠାରୁ କେନାଲରେ ବାଲିପୁରା ମୌଜାର ଶ୍ୟାମସାହି, ଜେଣସାହି, ବାଘରାଇସାହି ଓ ମଶସାହି ଏବଂ କଅଁସ ଜାରିଗିସାହି ଓ କମର୍ଦ୍ଧା ଗାଁର ୫ଶହ ଏକରରୁ ଅଧିକ ଜମିକୁ ଜଳସେଚନ କରାଯାଉଥିଲା। ତେବେ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ଥିବା ଏହି ଆଡ଼ିବନ୍ଧ ଓ ଦଦରା କେନାଲ ଆଶାନୁରୂପ ଭାବେ ଚାଷବାସରେ ସହାୟକ ହୋଇପାରୁନଥିବା ସାଧାରଣରେ ଅଭିଯୋଗ ହୁଏ। ବନ୍ଧରେ ଆବଶ୍ୟକ ପାଣି ରହୁନାହିଁ। କେନାଲର ଫଟା କାନ୍ଥବାଟେ ପାଣି ସବୁ ତଳମୁଣ୍ଡରେ ଥିବା ଡମଶାଳ ନାଳ ଆଡ଼କୁ ଅକାରଣରେ ବହି ଯାଉଛି। ସେହିପରି ଏବର୍ଷ ବର୍ଷା ଅଭାବରୁ ପାର୍ଶ୍ୱସ୍ଥ କ୍ଷେତରେ ଖରିଫ୍ ଧାନଚାଷ ଆରମ୍ଭ ହୋଇପାରିନାହିଁ। ଚାଷୀ ତଳି ପକାଇବାକୁ ସାହସ ଜୁଟାଇ ପାରୁନି। ପରିସ୍ଥିତିର ମୁକାବିଲା ପାଇଁ ଗ୍ରାମସଭାରେ ଆଡ଼ିବନ୍ଧ ପୁନରୁଦ୍ଧାର ପାଇଁ ନିଷ୍ପତ୍ତି ହୋଇଥିଲା। ୧୦ଟି ସିମେଣ୍ଟ୍ ବସ୍ତା ଅଣାଯାଇଥିଲା। ଆଖପାଖରୁ ବଡ଼ବଡ଼ ପଥର ଗୋଟାଇ ଏହାକୁ ହାତୁଡ଼ିରେ ପିଟି ଚିପ୍ସ ସାଇଜ୍ କରାଯାଉଛି। ନାଳଶଯ୍ୟାରୁ ବାଲି ଉଦ୍ଧାର କରାଯାଉଛି। ୨ ଦିନ ଧରି ଆଡ଼ିବନ୍ଧର ଗାଡ଼ ଓ ଫାଟ ମରାମତି କାମ ଜାରିରହିଛି। ଭଜୁ ମୁର୍ମୁ, ଲକ୍ଷ୍ମଣ ଲୋହାର, ବୁଧୁରାଇ ମୁର୍ମୁ, ଲକ୍ଷ୍ମୀ ମୁର୍ମୁ, ଦିଉଗି ଟୁଡୁ, ମିନି ମୁର୍ମୁ, ସୁନ୍ଦରା ମାରାଣ୍ଡି, କାରାନ ହେମ୍ବ୍ରମ, ସାଲଖାନ ମାରାଣ୍ଡି, ଅଜୟ ଲୋହାର, ଧନୁ ମାରାଣ୍ଡି ପ୍ରମୁଖ ଶ୍ରମଦାନ କରିଛନ୍ତି। ଗ୍ରାମବାସୀଙ୍କ ନିଜସ୍ୱ ଉଦ୍ୟମରେ ତଥା ସୀମିତ ବୈଷୟିକ ଜ୍ଞାନ ଓ ନିର୍ମାଣ ଶୈଳୀରେ ଅନଭିଜ୍ଞତା କାରଣରୁ ମରାମତି କାର୍ଯ୍ୟର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଉ ୧୦ଟି ସିମେଣ୍ଟ ଆବଶ୍ୟକ ପଡୁଥିଲେ ହେଁ ସମ୍ବଳ ଅଭାବରୁ ସଂପୂର୍ଣ୍ଣ ମରାମତି କାମ ଆଗେଇ ପାରୁନଥିବା ଗାଁ ସଭାପତି ଶ୍ରୀ ମୁର୍ମୁ ଅଭିଯୋଗ କରନ୍ତି। ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଧାନଚାଷରେ ଥୋଡ଼ ଓ ଫୁଲ ଉଡ଼ାଇବା ବେଳରେ ପାର୍ଶ୍ୱସ୍ଥ ଜମିରେ ଜଳାଭାବ ପରିସ୍ଥିତି ଗ୍ରାମବାସୀଙ୍କୁ ଚିନ୍ତାରେ ପକାଇଆସୁଛି। ଲୋକେ ଭଙ୍ଗା କେନାଲରେ ପଥର ପ୍ୟାକିଂ କରିବା ସହ ଖୋଲରେ ପତ୍ରଚୁଣ୍ଟା ଦେଇ ଜମିକୁ ପାଣି ମଡ଼ାଇଥାନ୍ତି। ଏ ସଂପର୍କରେ ବ୍ଲକର କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀ ଇଂ ରଙ୍କନିଧି ମାଝୀଙ୍କୁ ପଚାରିବାରେ ପରିସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଆଧାର ସହ ବ୍ୟାଙ୍କ ଖାତା ଲିଙ୍କ୍ ନହେଲେ ବନ୍ଦ ହୋଇପାରେ ପେନସନ୍

ଭୁବନେଶ୍ୱର: ଆଧାର ସହ ବ୍ୟାଙ୍କ ଖାତା ଲିଙ୍କ୍ ନଥିଲେ ଅଟକିଯାଇପାରେ ସାମାଜିକ ସୁରକ୍ଷା ପେନସନ୍ । ଏନେଇ ବ୍ୟାଙ୍କ ଆକାଉଣ୍ଟ ସହିତ ଆଧାର ଲିଙ୍କ ପାଇଁ ଜିଲ୍ଲାପାଳଙ୍କୁ ହୋଇଛି ନିର୍ଦ୍ଦେଶ। ବର୍ତ୍ତମାନ ରାଜ୍ୟରେ ୩ ଲକ୍ଷ ୩୫ ହଜାର ୮୫୦ ଜଣ ପେନସନଭୋଗୀଙ୍କ ଆଧାର ନମ୍ବର ବ୍ୟାଙ୍କ ଖାତା ସହ ମ୍ୟାପିଂ ହୋଇନଥିବା ତଥ୍ୟରୁ ଜଣାପଡିଛି। ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନକୁ ଜାରି କରିଥିବା ଚିଠିରେ ସ୍ପଷ୍ଟ କରିଛନ୍ତି ଯେ, ୨୦୨୬-୨୭ ଆର୍ଥିକ ବର୍ଷରୁ ଅନ୍ତର୍ଗତ ପେନସନ୍ ଅର୍ଥ ପ୍ଲାଟଫର୍ମ ମାଧ୍ୟମରେ ଆଧାର ଭିତ୍ତିକ ପେମେଣ୍ଟ ମୋଡରେ ପ୍ରଦାନ କରାଯାଉଛି। କିନ୍ତୁ ନୂତନ ବ୍ୟବସ୍ଥାରେ ଅନେକ ହିତାଧିକାରୀଙ୍କ ଆଧାର ସଂଖ୍ୟା ବ୍ୟାଙ୍କ ଖାତା ସହ ଲିଙ୍କ୍ ହୋଇନାହିଁ । ସରକାରୀ ତଥ୍ୟ ଅନୁସାରେ ଏପରି ହିତାଧିକାରୀଙ୍କ ସଂଖ୍ୟା ୩ ଲକ୍ଷ ୩୫ ହଜାର ୮୫୦ରେ ପହଞ୍ଚିଛି । ଏହି ହିତାଧିକାରୀମାନଙ୍କ ମଧ୍ୟରୁ ଅନେକେ ଶଯ୍ୟାଶାୟୀ, ବୃଦ୍ଧ କିମ୍ବା ଅସୁସ୍ଥ ଥିବାରୁ ବ୍ୟାଙ୍କକୁ ଯାଇ ଆଧାର ଅପଡେଟ୍ କରିବା ସେମାନଙ୍କ ପାଇଁ ସମ୍ଭବ ହେଉନାହିଁ । ସେଥିପାଇଁ ଜିଲ୍ଲା ପ୍ରଶାସନକୁ ଘରେ ଘରେ ଯାଇ ଏଭଳି ହିତାଧିକାରୀଙ୍କୁ ଚିହ୍ନଟ କରିବା ସହ ଆଧାର ସିଡିଂ ଓ ଇ-କେୱାଇସି ପ୍ରକ୍ରିୟା ଶୀଘ୍ର ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।


Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com, Ph. No. (0674) 3522400 Mobile- 8280000007, Printed at Om printers,Mancheswar Industrial Estate, Bhubaneswar - 751010

**Chief Editor: Sirdhartha Roy**

ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

**Editor - Monalisa Das**

ସମ୍ପାଦିକା: ମୋନାଲିସା ଦାସ